# ଜିଲାର ୨୫୯ ଗାଁକୁ ନାହିଁ ପକ୍କାରାସ୍ତା

## ଅନେକ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଅପହଞ୍ଚ

ନବରଙ୍ଗପୁର,୮।୩(ସଦାଶିବ ପ୍ରହରାଜ)

ସ୍ୱାଧୀନ ଭାରତର ୭ ଦଶନ୍ଧି ଅତିକ୍ରମ ହୋଇଥିଲେ ମଧ୍ୟ ଆଜିଯାଏଁ ନବରଙ୍ଗପୁର ଜିଲାର ୨୫୯ ଗାଁକୁ ନିତିଦିନିଆ ପକ୍କା ରାସ୍ତା ନାହିଁ। ଅନେକ ଅଞ୍ଚଳରେ ମୌଳିକ ସୁବିଧା ଅପହଞ୍ଚ ହୋଇପଡ଼ିଛି। ଗ୍ରାମୀଣ ଅଞ୍ଚଳରେ ରାସ୍ତା ସଂଯୋଗ ସୁବିଧା ନ ଥିବାରୁ ଏହା ସିଧାସଳଖ ଭାବେ ସ୍ୱାସ୍ଥ୍ୟସେବାକୁ ପ୍ରଭାବିତ କରୁଛି। ଅନେକ ଗ୍ରାମକୁ ପକ୍କାରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ତ ଦୂର କଥା, କେତେକ ଗାଁକୁ ମୋଟରସାଇକେଲ ବି ଯିବା ମୁସ୍କିଲ ହୋଇପଡୁଛି। ଫଳସ୍ୱରୂପ ଗର୍ଭବତୀ, ପ୍ରସୂତି ଓ ଗୁରୁତର ରୋଗୀଙ୍କୁ ଖଟିଆ କିମ୍ବା କାନ୍ଧରେ ବୁହାଇ ଅଧା ରାସ୍ତା ପର୍ଯ୍ୟନ୍ତ ଆଣିବାକୁ ପଡୁଛି ।

ନବରଙ୍ଗପୁର ଜିଲାରେ ବର୍ଷାଦିନେ କାଦୁଅ ପଚପଚ ଓ ଅଙ୍କାବଙ୍କା ଖାଲ, ଡିପ ରାସ୍ତା ଯୋଗୁ ୧୨୪ ଗାଁକୁ ଆମ୍ବୁଲାନ୍ସ ପହଞ୍ଚିପାରେ ନାହିଁ। ସେହିଭଳି ୧୩୫ ଗାଁକୁ ପିଚୁ କିମ୍ବା ପକ୍କାରାସ୍ତା ନ ଥିବାରୁ ସବୁଦିନିଆ ଆମ୍ବୁଲାନ୍ସ ପହଞ୍ଚିପାରେ ନାହିଁ । ଜିଲାର ପାପଡାହାଣ୍ଡି ବ୍ଲକ୍‌ରେ ୫, ତେନ୍ତୁଲିଖୁଣ୍ଟି ବ୍ଲକ୍‌ରେ ୩୮, ନନ୍ଦାହାଣ୍ଡି ବ୍ଲକ୍‌ରେ ୩, ଝରିଗାଁ ବ୍ଲକ୍‌ରେ ୨୭, ରାଇଘର ବ୍ଲକ୍‌ରେ ୪୨, ଚନ୍ଦାହାଣ୍ଡି ବ୍ଲକ୍‌ରେ ୧୪ ଓ ଉମରକୋଟ ବ୍ଲକ୍‌ରେ ୨ଟି ଗାଁକୁ ଆମ୍ବୁଲାନ୍ସ ଆଦୌ ଯାଇପାରେ ନାହିଁ । ଅନ୍ୟପକ୍ଷେ ମାତୃ ମୃତ୍ୟୁ ଓ ଶିଶୁ ମୃତ୍ୟୁହାର ରୋକିବା ପାଇଁ ଡାକ୍ତରଖାନାରେ ପ୍ରସବ ପାଇଁ କୁହାଯାଉଛି । ଦୁର୍ଗମ, ଅଗମ୍ୟ ଅଞ୍ଚଳରେ ଆମ୍ବୁଲାନ୍ସ ପହଞ୍ଚିପାରୁ ନ ଥିବାରୁ ଗର୍ଭବତୀମାନଙ୍କୁ ପ୍ରସବ ସମୟର କିଛିଦିନ ପୂର୍ବରୁ ମାଆ ଗୃହକୁ ଆଣି ସୁରକ୍ଷିତ ମାତୃତ୍ୱ ପାଇଁ ବ୍ୟବସ୍ଥା କରାଯାଏ । ଯେମିତି ମାଆ ଓ ଶିଶୁ ସୁରକ୍ଷିତ ରହିବେ ସେଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେଇଛି । ଯେପରି ଗର୍ଭବତୀମାନେ ପ୍ରସବ ଓ ପ୍ରସୂତିକାଳୀନ ସମସ୍ୟା ନ ଭୋଗନ୍ତି ସେ ନେଇ ସରକାର ଜିଲାରେ ୬ ଶଯ୍ୟା ବିଶିଷ୍ଟ ୯ଟି ମାଆ ଗୃହ ବ୍ୟବସ୍ଥା କରିଛନ୍ତି । ତେବେ ମାଆ ଗୃହଗୁଡିକରେ ଶଯ୍ୟା ସଂଖ୍ୟା ବୃଦ୍ଧି ୧୦ରୁ ୧୫କୁ କରିବାକୁ ଦାବିହୋଇ ଆସୁଥିଲେ ମଧ୍ୟ ତାହା ହୋଇପାରିଲା ନାହିଁ ।

ଏହା ସହ ଜିଲାରେ ଡାକ୍ତର ଓ ବିଶେଷଜ୍ଞଙ୍କ ଅଭାବ ସମସ୍ୟାକୁ ଆହୁରି ଗମ୍ଭୀର କରିଦେଇଛି। ସରକାର ଗ୍ରାମୀଣ ଉନ୍ନତି ପାଇଁ ବହୁ ଯୋଜନା ଓ ଅନୁଦାନ ଦେଇଆସୁଛନ୍ତି। ପଞ୍ଚାୟତ, ବ୍ଲକ୍ ଓ ଜିଲା ପ୍ରଶାସନ ଏହାକୁ କାର୍ଯ୍ୟକରୀ କରିବାର ଦାୟିତ୍ୱ ନେଇଛନ୍ତି। ତଥାପି ନବରଙ୍ଗପୁର ଭଳି ଜିଲାରେ ରାସ୍ତା ସଂଯୋଗୀକରଣରେ ଅବହେଳା ଦେଖାଯାଉଛି। ଅନେକ ପଡ଼ା ଓ ଗାଁ ଜଙ୍ଗଲ ଅଞ୍ଚଳରେ ଥିବାରୁ ସେଠାରେ ରାସ୍ତା ନିର୍ମାଣ ପାଇଁ ବିଭିନ୍ନ ପ୍ରଶାସନିକ ଓ ଆଇନ ଜଟିଳତା ରହିଛି। କିନ୍ତୁ ଏହି କାରଣ ଦେଖାଇ ଲୋକମାନଙ୍କୁ ମୌଳିକ ସୁବିଧାରୁ ବଞ୍ଚିତ ରଖିବା କେତେଦୂର ଠିକ୍ ତାକୁ ନେଇ ପ୍ରଶ୍ନ ଉଠୁଛି । ଦୁର୍ଗମ ଅଞ୍ଚଳ ପାଇଁ ମୋବାଇଲ ମେଡିକାଲ ୟୁନିଟ୍ ଓ ହେଲ୍‌ଥ କ୍ୟାମ୍ପ ବୃଦ୍ଧି କରିବା ଆବଶ୍ୟକ ବୋଲି ଦାବି ହୋଇଛି। ରାସ୍ତା କେବଳ ଗମନାଗମନର ମାଧ୍ୟମ ନୁହେଁ, ଏହା ଜୀବନରେ ଆଶା ଓ ସୁରକ୍ଷାର ସଂଯୋଗ। ଯେ ପର୍ଯ୍ୟନ୍ତ ଗାଁକୁ ରାସ୍ତା ପହଞ୍ଚୁନାହିଁ, ସେପର୍ଯ୍ୟନ୍ତ ଉନ୍ନତି ଅଧୁରା ବୋଲି ବୁଦ୍ଧିଜୀବୀ କହିଛନ୍ତି । ଏ ସମ୍ପର୍କରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନଙ୍କୁ ପଚାରିବରୁ ଜଙ୍ଗଲ ଜମି ରାସ୍ତା ରହିଥିବାରୁ ରାସ୍ତା କାମଗୁଡିକ ଚାଲିଛି। ପାପଡ଼ାହାଣ୍ଡି ବ୍ଲକ୍‌ରେ ଜଙ୍ଗଲ ବିଭାଗ ପକ୍ଷରୁ ଅନୁମତି ମିଳିବା କଷ୍ଟ ହେଉଛି । ତେନ୍ତୁଳିଖୁଣ୍ଟି ବ୍ଲକ୍‌ରେ ପ୍ରାୟତଃ ରାସ୍ତାକାମ ସରିବାକୁ ଆସିଲାଣି ବୋଲି ସେ କହିଛନ୍ତି ।



ଝରିଗାଁ ବ୍ଲକ୍ ଡାହିମାଲ ଗ୍ରାମର ଦୁଇମୁହାଣ ଗାଁକୁ ରାସ୍ତା ନ ଥିବାରୁ ଗର୍ଭବତୀଙ୍କୁ ଖଟିଆରେ ବୁହାଇ ନଦୀ ପାର କରାଯାଉଛି।

# ଅଙ୍ଗନୱାଡ଼ି କେନ୍ଦ୍ରରେ ତାଲା ପକାଇଲେ ଗ୍ରାମବାସୀ



ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇ ଗ୍ରାମବାସୀ ଠିଆ ହୋଇଛନ୍ତି।

ପାପଡାହାଣ୍ଡି, ୮।୪ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ନୂଆକୋଟ ପଞ୍ଚାୟତ ନୂଆଗୁଡା ଗ୍ରାମର ଅଙ୍ଗନୱାଡି କର୍ମୀ ନିୟମିତ କେନ୍ଦ୍ରକୁ ଆସୁ ନ ଥିବା ଅଭିଯୋଗରେ ଗ୍ରାମବାସୀ ବୁଧବାର ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇ ଦେଇଥିଲେ। ଅଙ୍ଗନୱାଡି କର୍ମୀ ରଞ୍ଜିତା ମିର୍ଗାନ ଓ ସହାୟିକା କୁସୁମା ମାଝୀ ବୁଧବାର ସକାଳ ୯ଟାରେ କେନ୍ଦ୍ରରେ ଥିବାବେଳେ ଗ୍ରାମବାସୀ କେନ୍ଦ୍ରକୁ ଆସି ପାଟିତୁଣ୍ଡ କରବା ସହ କେନ୍ଦ୍ରକୁ ବାହାର ପଟୁ ତାଲା ପକାଇ ଦେଇଥିଲେ । ଅଙ୍ଗନୱାଡି କର୍ମୀ ରଞ୍ଜିତା ମୈଦଲପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଅଙ୍ଗନୱାଡି କର୍ମୀ ରଞ୍ଜିତା ନିୟମିତ କେନ୍ଦ୍ରକୁ ଆସୁ ନ ଥିବାରୁ ଗର୍ଭବତୀ, ପ୍ରସୂତି ଓ ଶିଶୁଙ୍କ ଉଦ୍ଦିଷ୍ଟରେ ଆସୁଥିବା ପୋଷକ ଓ ପୁଷ୍ଟିକର ଖାଦ୍ୟ ଦିଆଯାଉନାହିଁ। ଶିଶୁମାନଙ୍କ ପାଇଁ ଆସୁଥିବା ଡ୍ରେସ ମଧ୍ୟ ବଣ୍ଟନ କରାଯାଉନାହିଁ। ଗ୍ରାମବାସୀ ସିଡିପିଓ ସ୍ୱର୍ଣ୍ଣପ୍ରଭା ଦାସଙ୍କୁ ସାକ୍ଷାତ କରି କର୍ମୀ ରଞ୍ଜିତା ମିର୍ଗାନଙ୍କ ବିରୋଧରେ ଏକ ଅଭିଯୋଗପତ୍ର ଦାଖଲ କରିଛନ୍ତି। ସିଡିପିଓ ସ୍ୱର୍ଣ୍ଣପ୍ରଭା ଦାସଙ୍କୁ ପଚାରିବାରୁ ଗ୍ରାମବାସୀ ଲିଖିତ ଅଭିଯୋଗ ଦେଇଛନ୍ତି। ଗୁରୁବାର କେନ୍ଦ୍ରକୁ ଯାଇ ତଦନ୍ତ କରିବୁ ବୋଲି ସେ କହିଛନ୍ତି ।

# ଗ୍ୟାସ୍ କଳାବଜାର ରୋକିବାକୁ ଚଢ଼ାଉ

## ୧୦ ଖାଲି ସିଲିଣ୍ଡର ଜବତ

ତେନ୍ତୁଲିଖୁଣ୍ଟି,୮।୪ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ୍‌ରେ ଗ୍ୟାସ୍ କଳାବଜାର ହେଉଥିବା ନେଇ ବାରମ୍ବାର ଅଭିଯୋଗ ପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ବୁଧବାର ଯୋଗାଣ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। କେଶରୀ ସେନାପତି ନାମକ ଜଣେ ବ୍ୟକ୍ତିଙ୍କ ଘରୁ ୧୦ଟି ଖାଲି ସିଲିଣ୍ଡର ଜବତ କରାଯାଇଛି। ସେଥିରେ ୬ଟି କମର୍ସିଆଲ, ୪ଟି ଘରୋଇ ଗ୍ୟାସ୍ ସିଲିଣ୍ଡର ଏବଂ ଗୋଟେ ୫ କେଜିଆ ସିଲିଣ୍ଡର ରହିଛି। ଘରୋଇ ସିଲିଣ୍ଡର ଘରେ ଥିବା ଏକ ଟାଙ୍କି ଭିତରୁ ଠାବ କରାଯାଇଥିଲା। ଜବତ ସିଲିଣ୍ଡର ତେନ୍ତୁଲିଖୁଣ୍ଟି ର ପୁରୁଷୋତ୍ତମ ଗ୍ୟାସ୍ ଏଜେନ୍ସି ନିକଟରେ ରଖାଯାଇଛି। ଚଢ଼ାଉ ବେଳେ କେଶରୀ ସେନାପତି ଅନୁପସ୍ଥିତ ଥିଲେ ।

ସୂଚନାଯୋଗ୍ୟ, କେଶରୀ ସେନାପତି ପ୍ରାୟ ୯୦ଟି ଘରୋଇ ଗ୍ୟାସ୍ ସିଲିଣ୍ଡର ରଖି ବ୍ୟବସାୟ କରୁଛନ୍ତି । ତେବେ ଚଢ଼ାଉ ସମ୍ପର୍କରେ ସେ ମଙ୍ଗଳବାର ରାତିରେ ସୂଚନା ପାଇ ସୋରୁ ସିଲିଣ୍ଡର ଗାଏବ କରି ଦେଇଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ଅଞ୍ଚଳରେ ଥିବା ୨ଟି ଘରୋଇ କମ୍ପାନୀ ମେଗା ଜଳସେଚନ ପ୍ରକଳ୍ପରେ କାର୍ଯ୍ୟରତ ଶତାଧିକ କର୍ମଚାରୀଙ୍କୁ କେଶରୀ ସେନାପତି ଗ୍ୟାସ୍ ଯୋଗାଇଥାନ୍ତି ବୋଲି ଶୁଣାଯାଉଛି। କିନ୍ତୁ କେଉଁଠୁ କିଭଳି ସେ ଗ୍ୟାସ୍ ଯୋଗାଇଥାନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି। ଚଢ଼ାଉ ସମୟରେ ଯୋଗାଣ ଅଧିକାରୀ ରୋହିତ୍ ମାଝୀ, ଏସିଏସ୍‌ଓ (ହେଡ୍‌କ୍ୱାର୍ଟର୍ସ) ଗାୟତ୍ରୀ ପଟ୍ଟନାୟକ ଓ ସଦର ଏସିଏସ୍‌ଓ ସଞ୍ଜୁପ୍ରଧାନ ଓ ପୂର୍ଣ୍ଣଚନ୍ଦ୍ର ଦାସ ସାମିଲ ଥିଲେ। ମାଜିଷ୍ଟ୍ରେଟ ଦାୟିତ୍ୱରେ ଅତିରିକ୍ତ ତହସିଲଦାର ସୀମାଞ୍ଚଳ ପାତ୍ର ଉପସ୍ଥିତ ଥିଲେ।

# ମା’ ଦଣ୍ଡକାଳୀଙ୍କ ପୂଜା

ପାପଡାହାଣ୍ଡି, ୮।୪ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡିଠାରେ ବୁଧବାର ମହାଆଡମ୍ବର ସହ ମା’ ଦଣ୍ଡକାଳୀଙ୍କ ପୂଜା ଅନୁଷ୍ଠିତ ହୋଇଛି । ମା’ଙ୍କୁ ପୂଜାର୍ଚ୍ଚନା ସହ ଧୂଳିଦଣ୍ଡ, ଅଗ୍ନିଦଣ୍ଡ, ପାଣିଦଣ୍ଡ ଆୟୋଜନ ହୋଇଥିଲା। ଏହା ପୂର୍ବରୁ ବସ୍‌ଷ୍ଟାଣ୍ଡ ଛକରୁ ମା’ଙ୍କୁ ପାଛୋଟି ଅଣାଯାଇ ବାଦ୍ୟବାଜାଣା ସହ ଗ୍ରାମ ପରିକ୍ରମା କରି ବସଷ୍ଟାଣ୍ଡ ଦୁର୍ଗାପୂଜା ମଣ୍ଡପ ନିକଟରେ ପହଞ୍ଚିଥିଲେ । ସେଠାରେ ନୀତିକାନ୍ତି ଅନୁସାରେ ପୂଜାର୍ଚ୍ଚନା ହୋଇଥିଲା। ବାଲିମେଳାରୁ ଆସିଥିବା ଦଣ୍ଡୁଆ ଦଳ ମଣ୍ଡପ ନିକଟରେ ଧୂଳିଦଣ୍ଡ ପ୍ରଦର୍ଶନ କରିଥିଲେ। ଗାଁର ଭୈରବ ପୋଖରୀରେ ପାଣିଦଣ୍ଡ ହୋଇଥିଲା। ସନ୍ଧ୍ୟାରେ ଗାଁ ପରିକ୍ରମା ଅଗ୍ନିଦଣ୍ଡ ପ୍ରଦର୍ଶିତ ହୋଇଥିଲା । ରାତି ସମୟରେ ଝାଡେଶ୍ୱର ମନ୍ଦିରଠାରେ ଆଳତି ହୋଇଥିଲା। ରାତି ତମାମ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ପୂର୍ବତନ ସରପଞ୍ଚ ବି. ଜଗନ ମୋହନ ରାଓ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ତ୍ରିନାଥ ପ୍ରଧାନ, ରାଜକିଶୋର ରାଓ, ସୁଜିତ ମହାନ୍ତି, ରାଜାରାଓ ଦୋରା, ମଧୁସୂଦନ ପିଲାଇ, ଚିମ୍ପି ଘଣ୍ଟ ଓ ଗ୍ରାମବାସୀ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଶୋଭାଯାତ୍ରାରେ ମା’ଙ୍କୁ ଗ୍ରାମ ପରିକ୍ରମା କରାଯାଉଛି।

# ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ପ୍ରତାରଣା, ଯୁବକ ଗିରଫ

ଡାବୁଗାଁ, ୮।୪ (ପ୍ରଜ୍ଞାରଞ୍ଜନ ପରିଡା): ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ପ୍ରତାରଣା କରିଥିବା ଅଭିଯୋଗରେ ଡାବୁଗାଁ ପୋଲିସ ଜଣେ ଯୁବକଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି । ସୂଚନାଯୋଗ୍ୟ, ଡାବୁଗାଁ ଥାନା ଅଧୀନ ଏକ ଗ୍ରାମର ଜଣେ ୨୪ ବର୍ଷୀୟ ଯୁବତୀଙ୍କର ଅନ୍ୟ ଏକ ଗ୍ରାମର ୨୦ ବର୍ଷର ଯୁବକଙ୍କ ସହ ପ୍ରାୟ ୪ ବର୍ଷ ହେଲା ପ୍ରେମ ସମ୍ପର୍କ ଥିଲା । ଯୁବକ ଜଣଙ୍କ ଯୁବତୀଙ୍କୁ ବିବାହ କରିବେ କହି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲା । ଯୁବତୀ ଜଣଙ୍କ ବିବାହ ପାଇଁ ଜିଦ୍ ଧରିବାରୁ ଯୁବକ ଜଣଙ୍କ ବିବାହ ପାଇଁ ମନା କରିଥିଲେ। ଏହାପରେ ଯୁବତୀ ଜଣଙ୍କ ମାର୍ଚ୍ଚ ୧୪ ରେ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଏ ନେଇ ଥାନାରେ କେସ୍ ନଂ. ୫୦/୨୬ରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ କରିଥିଲା। ମାମଲା ହେବା ଦିନଠାରୁ ଯୁବକ ଜଣଙ୍କ ଫେରାର ଥିଲେ। ମଙ୍ଗଳବାର ରାତିରେ ଯୁବକ ଜଣଙ୍କ ଡାବୁଗାଁ ଥାନାକୁ ଆସି ଆତ୍ମସମର୍ପଣ କରିଥିଲେ। ମାମଲାର ତଦନ୍ତ କରୁଥିବା ଅଧିକାରୀ ସବ୍‌ଇନିସ୍ପେକ୍ଟର ବିକ୍ରମ କିଶୋର ସାହୁ ଯୁବକଙ୍କୁ ଗିରଫକରି ବୁଧବାର କୋର୍ଟ ଚାଲାଣ କରିଛନ୍ତି।

# ୩୩ ଫୁଟ ଉଚ୍ଚ ହନୁମାନ ବିଗ୍ରହ ପ୍ରାଣ ପ୍ରତିଷ୍ଠା

ପାପଡ଼ାହାଣ୍ଡି, ୮।୪ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ଭୈରବ ମନ୍ଦିର ପାର୍ଶ୍ୱରେ ୩୩ ଫୁଟ ଉଚ୍ଚର ହନୁମାନ ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ରାଜପୁରୋହିତ ନରସିଂହ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ୮ ଜଣ ପୂଜାରୀ ନୀତିକାନ୍ତି ପୂଜାର୍ଚ୍ଚନା କରିଥିଲେ। କର୍ତ୍ତା ଭାବେ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା ଓ ଜ୍ୟୋତ୍ସ୍ନାରାଣୀ ବେହେରା ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ଟୁରି ନଦୀ ତଟରେ ପୂଜାର୍ଚ୍ଚନା କରିବା ପରେ କଳସଯାତ୍ରା ଆରମ୍ଭ ହୋଇ ଗ୍ରାମ ପରିକ୍ରମା ପରେ ହନୁମାନ ବିଗ୍ରହ ନିକଟରେ ପହଞ୍ଚିଥିଲେ। ପରେ ସୂର୍ଯ୍ୟପୂଜା, ଅର୍ଘ୍ୟ ଦାନ, ପ୍ରଦୀପ ପ୍ରଜ୍ୱଳନ, ଜୀବନ୍ୟାସ, ବିଗ୍ରହ ପ୍ରାଣପ୍ରତିଷ୍ଠା, ଷୋଡଶ ଉପଚାର, ବୈଷ୍ଣବାଗ୍ନି ସଂସ୍କାର ହବନ କାର୍ଯ୍ୟ, ପୂର୍ଣ୍ଣାହୂତି କରାଯାଇଥିଲା। କାର୍ଯ୍ୟକ୍ରମରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ମୁଜିବୁଲ ଖାନ ଯୋଗଦେଇଥିଲେ । ମନ୍ଦିର ପରିସରରେ ୪ର୍ଥ ପ୍ରହରୀ ନାମ ସଂକୀର୍ତ୍ତନ କରାଯାଇଥିଲା। ପୂଜାରେ ୮ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଯୋଗଦେଇ ଅନ୍ନପ୍ରସାଦ ସେବନ କରିଥିଲେ। ରାତିରେ ମନୋରଞ୍ଜନ ସକାଶେ ଆଦିବାସୀ ନାଟ ପରିବେଷଣ ହୋଇଥିଲା। ପୋଟାକୋଟ ଗ୍ରାମର ଭାଲୁ କୁମ୍ଭାର ଠାକୁରଙ୍କ ବିଗ୍ରହ ତିଆରି କରିଥିଲେ। ସେହିପରି ଡାବୁଗାଁର ତ୍ରିପତି ଜେନା ବିଗ୍ରହଙ୍କୁ ରଙ୍ଗ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରବୀଣ ସତ୍‌ନାମୀ, ରମେଶ ସତ୍‌ନାମୀ, ଏ. ମନୋଜ ରାଓ, ହିମାଂଶୁ ବେହେରା, ଭ୍ରମରବର ମହାରଣା, ପୂର୍ଣ୍ଣଚନ୍ଦ୍ର ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ।



# ଅପହୃତା ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

ଡାବୁଗାଁ, ୮।୪ (ପ୍ରଜ୍ଞାରଞ୍ଜନ ପରିଡା)

ଡାବୁଗାଁ ଥାନାରେ ଜଣେ ୧୭ ବର୍ଷର ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଚିକିଲି ଗ୍ରାମର ଜଣେ ଯୁବକଙ୍କୁ ମଙ୍ଗଳବାର ପୋଲିସ ଗିରଫକରି କୋର୍ଟଚାଲାଣ କରିଛି । ସେ ହେଲେ ଡାବୁଗାଁ ଥାନା ଅଧୀନ ଚିକିଲି ଗ୍ରାମର ସୁନାଧର ହରିଜନ (୩୦)। ଉକ୍ତ ନାବାଳିକାଙ୍କୁ ପୋଲିସ ତାମିଲନାଡୁ ତିରିପୁରସ୍ଥିତ ଏକ ଲୁଗା କମ୍ପାନୀରୁ ଉଦ୍ଧାରକରି ତାଙ୍କ ଘରେ ଛାଡ଼ିଛି । ଗତ ୬ ମାସ ତଳେ ସୁନାଧର ରକ୍ତଶିକୁଳି ରୋଗରେ ଆକ୍ରାନ୍ତ ଜଣେ ନାବାଳିକାଙ୍କୁ ତାଙ୍କ ଗ୍ରାମରୁ ନେଇ ତାମିଲନାଡୁ ନେଇ ଏକ ଲୁଗା କମ୍ପାନୀରେ କାମ କରିବା ପାଇଁ ଛାଡି ଦେଇଥିଲେ। ନାବାଳିକା ଜଣକ ସେଠାରେ କାମ କରୁଥିବା ସମୟରେ ତାଙ୍କର ଦେହ ଖରାପ ହେବାରୁ ସେ କମ୍ପାନୀର ଅଧିକାରୀଙ୍କୁ କହିଥିଲେ । କିନ୍ତୁ ସେମାନେ ନାବାଳିକାଙ୍କୁ ଛାଡି ନ ଥିଲେ। ନାବାଳିକା ଜଣକ ତାଙ୍କ ଘରକୁ ଫୋନକରି ଜଣାଇବା ପରେ ତାଙ୍କ ବାପା ଏ ନେଇ ମାର୍ଚ୍ଚ ୨୪ ତାରିଖରେ ଡାବୁଗାଁ ଥାନାରେ ଅଭିଯୋଗ କରିଥିଲେ। ମଙ୍ଗଳବାର ସକାଳୁ ପୋଲିସ ଅଭିଯୁକ୍ତଙ୍କୁ ତାଙ୍କ ଶ୍ୱଶୁରଘରୁ ଗିରଫ କରି କରିଥିଲା। ଏ ନେଇ ଥାନା କେସ୍ ନଂ. ୬୨/୨୬ ରେ ଏକ ମାମଲା ରୁଜୁ କରାଯାଇଛି ।

# ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ

ଉମରକୋଟ, ୮।୪ (ସନ୍ତୋଷ ସତପଥୀ)

ଉମରକୋଟ ବ୍ଲକ୍‌ର ବେହେଡ଼ାସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ବୁଧବାର ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟର ଶିକ୍ଷାର୍ଥୀଙ୍କୁ ନେଇ ରଙ୍ଗୋଲି, ପ୍ରବନ୍ଧ ଲିଖନ ଆଦି ପ୍ରତିଯୋଗିତା କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଧାନ ବିଶ୍ୱାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବେହେଡ଼ା ସରପଞ୍ଚ ପ୍ରମିଳା ଗଣ୍ଡ ଏବଂ ମୁଖ୍ୟବକ୍ତା ଭାବେ ନିତାଇ ମଣ୍ଡଳ ମଞ୍ଚାସୀନ ହୋଇଥିଲେ। ବେହେଡା କ୍ଲଷ୍ଟର ସିଆର୍‌ସିସି ବିଷ୍ଣୁ ପ୍ରସାଦ ସାହୁ, ଟୁଟୁବାବୁ ପଟ୍ଟନାୟକ, ଫନିନ୍ଦ୍ର ଗାଇନ, ବିମଳ କୁମାର ବାରୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ସିଲ୍ଡ଼, ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ। କାଳାକାର ବୃନ୍ଦ ସାଂସ୍କୃତିକ ବିଚିତ୍ରା ପରିବେଷଣକରି ଦର୍ଶକଙ୍କୁ ମୁଗ୍ଧ କରିଥିଲେ। ବିରଞ୍ଚି ସୁନାନୀ ଓ ଦେବାଶିଷ ଗିରି ମଞ୍ଚ ପରିଚାଳନା କରିଥିଲେ । ପଦ୍ମାବତୀ ପରଜା, ପ୍ରଦୀପ ସାମଲ, ନୀଳକଣ୍ଠ ଚମ୍ପତି, ସଂଗୀତା ବିଶ୍ୱାସ, ସବିତା କୁମାରୀ ଭତ୍ରା, ଲିଜା ଗୁଇଁ ପ୍ରମୁଖ ସହଯୋଗ କରିଥିଲେ । ସଞ୍ଜୟ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

No. 10001/24/2627

## ଅଂଶୁଘାତ ସତର୍କତା

### ଲକ୍ଷଣ

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

### ସତର୍କତା

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ



### ପ୍ରତିକାର

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

OIPR-10001/10003/2/26-27/0002

## ରାସ୍ତାକଡ଼ରୁ ମୃତଦେହ ଜବତ

ଗୁଣପୁର,୮।୪( ସୁଜାତା ପାଢ଼ୀ)

ରାୟଗଡ଼ା ଜିଲା ପୁଟାସିଂ ଥାନା ଅନ୍ତର୍ଗତ ଦର୍ଗସିଂ ଗ୍ରାମ ଛକ ମୁଖ୍ୟ ରାସ୍ତାକଡରୁ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ପୁଟାସିଂ ପୋଲିସ ବୁଧବାର ଜବତ କରିଛି । ସେ ହେଲେ ଗଜପତି ଜିଲା ସେରଙ୍ଗ ଥାନା ଅନ୍ତର୍ଗତ ରାଗିଡ଼ି ଗ୍ରାମର ଦେବେନ ଗମାଙ୍ଗ ବୋଲି ଜଣାପଡ଼ିଛି । ମୃତ ବ୍ୟକ୍ତି ଜଣକ ଏକ ଠିକା କମ୍ପାନୀରେ ରୋଲର ଚାଳକ ଭାବେ କାର୍ଯ୍ୟ କରୁଥିଲେ ।ତେବେ କୌଣସିକାରଣବଶତଃ ତାଙ୍କର ବୁଧବାର ମୃତ୍ୟୁ ଘଟିଥିଲା । ଚାଳକ ଜଣକ ତଳେ ପଡିଥିବା ଦେଖି ସ୍ଥାନୀୟ ବାସିନ୍ଦା ପୁଟାସିଂ ପୋଲିସକୁ ଖବର ଦେଇଥିଲେ । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

# ସିଜିମାଳି ପାହାଡ଼ରେ ସ୍ଥିତି ଅନୁଧ୍ୟାନକଲେ ଏଡିଜି

ରାୟଗଡ଼ା,୮।୪(ଆଶିଷ ରଞ୍ଜନ ପଣ୍ଡା)

**ପୋଲିସ -ଜନତା ମୁହାଁମୁହିଁ ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ସିଜିମାଳି ପାହାଡ଼ରେ ମଙ୍ଗଳବାର ପୋଲିସ ଏବଂ ଜନତା ମୁହାଁମୁହିଁ ଘଟଣାକୁ ନେଇ ଅତିରିକ୍ତ ଡିଜି ସଞ୍ଜୟ କୁମାର ଓ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କନଓ୍ୱର ବିଶାଳ ସିଂ ବୁଧବାର ସିଜିମାଳି ପାହାଡ଼ ଅଞ୍ଚଳ ଗସ୍ତକରି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଶାଗବାରି ଓ କଣ୍ଟାମାଳ ଗ୍ରାମକୁ ଯାଇ କେଉଁ ପରିସ୍ଥିତିରେ ମଙ୍ଗଳବାର ଖଣ୍ଡଯୁଦ୍ଧ ହୋଇଥିଲା ତାହା ତଦନ୍ତ କରିଥିଲେ। ଏହାପରେ କାଶୀପୁର ଥାନାକୁ ଆସି ସମୀକ୍ଷା କରିଥିଲେ। ଏଥିସହ ଆଗାମୀ ଦିନରେ ପୋଲିସ ତରଫରୁ କ'ଣ ପଦକ୍ଷେପ ଗ୍ରହଣ କରାଯିବ ସେ ସମ୍ପର୍କରେ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷେ ଏହି ଘଟଣାକୁ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା ନିନ୍ଦା କରିଛନ୍ତି। ବିକାଶ ଆମେ ବି ଚାହୁଁ ଏବଂ ଅଞ୍ଚଳବାସୀ ମଧ୍ୟ ଚାହୁଁଛନ୍ତି। ହେଲେ ପୋଲିସ ଓ ପ୍ରଶାସନ ପକ୍ଷରୁ ଏଭଳି କରାଯିବା ଉଚିତ ନ ଥିଲା ବୋଲି ବିଧାୟକ କାଡ୍ରାକା କହିଛନ୍ତି। ଏ ନେଇ ଏମ୍‌ପି ସପ୍ତଗିରି ଉଲ୍ଲାକା କହିଛନ୍ତି, ପ୍ରଥମେ ଉତ୍ତେଜନା ହ୍ରାସ ପାଇଁ ଶାନ୍ତି ସ୍ଥାପନ ହେଉ। ଜଳ, ଜଙ୍ଗଲ ଓ ଜମି ପାଇଁ ଆମର ନ୍ୟାୟସଙ୍ଗତ ଦାବି ପାଇଁ ସଂଗ୍ରାମ ଜାରି ରହିବ। ହିଂସାରୁ ଦୂରେଇ ରହିବାକୁ ଏମ୍‌ପି ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ସମ୍ଭବ। ସରକାର ତୁରନ୍ତ ସମସ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସପ୍ତଗିରି ଦାବି କରିଛନ୍ତି। ଅନ୍ୟପକ୍ଷେ ସିପିଆଇ (ଏମ୍‌ଏଲ୍) ଲିବରେଶନ ରାଜ୍ୟ ସମ୍ପାଦକ ତ୍ରିପତି ଗମାଙ୍ଗ ଘଟଣାକୁ ନିନ୍ଦା କରିଛନ୍ତି। ଖଣି ଖନନ ପାଇଁ ଆଦିବାସୀଙ୍କ ଉପରେ ସରକାର ଦମନଲୀଳା ଚଳାଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଏହା କେବେ ମଧ୍ୟ ସହ୍ୟ ହେବ ନାହିଁ। ତେଣୁ ପୋଲିସ ଆକ୍ରମଣରେ ଆହତଙ୍କୁ ଉଦ୍ଧାରକରି ଚିକିତ୍ସା ସହ କ୍ଷତିପୂରଣ ଦାବି କରିଛନ୍ତି ଗମାଙ୍ଗ। ଏହି ଘଟଣା ପରେ ସିଜିମାଳି ଚତୁଃପାର୍ଶ୍ୱରେ ଥିବା ଗାଁଗୁଡ଼ିକରେ ପୋଲିସ ପଇଁତରା ମାରୁଛି। ବିଭିନ୍ନ ସ୍ଥାନରେ ଯବାନଙ୍କୁ ନିୟୋଜିତ କରାଯାଇଛି। ବାହାର ଲୋକଙ୍କୁ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ଏ ସମ୍ପର୍କରେ ଦକ୍ଷିଣ- ପଶ୍ଚିମାଞ୍ଚଳ ଡିଆଇଜି କନଓ୍ୱର ବିଶାଳ ସିଂ କହିଛନ୍ତି, ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣରେ ରହିଛି। ଆବଶ୍ୟକ ପୋଲିସ ସେଠାରେ ମୁତୟନ ଅଛନ୍ତି।

## ଖବର ପ୍ରକାଶ ପରେ କୋଠା ଯାଞ୍ଚକଲେ ଅଧିକାରୀ

### ଅବହେଳିତ ଅବସ୍ଥାରେ ଆବଡ଼ା ଏଜୁକେଶନ କମ୍ପ୍ଲେକ୍ସ



ଡେପୁଟି କଲେକ୍ଟର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଓ ସ୍ଥାନୀୟ ସରପଞ୍ଚ ଘଟଣାସ୍ଥଳ ପରିଦର୍ଶନ କରୁଛନ୍ତି।

ଗୁଣପୁର,୮।୪(ସଂକେତ ପାତ୍ର)

ଦୁର୍ଗମ ଆଦିବାସୀ ଅଞ୍ଚଳରେ ଶିକ୍ଷାର ଉନ୍ନତି ଲକ୍ଷ୍ୟରେ ପ୍ରାୟ ୫ କୋଟି ଟଙ୍କା ବ୍ୟୟରେ ଗୁଣପୁର ବ୍ଲକ୍ ଅନ୍ତର୍ଗତ ଲାଞ୍ଜିଆ ସୌରା ଅଞ୍ଚଳର ଆବଡ଼ାରେ ଏକ ଏଜୁକେଶନ କମ୍ପ୍ଲେକ୍ସ ନିର୍ମାଣ ହୋଇଥିଲା। କମ୍ପ୍ଲେକ୍ସ ଉଦ୍‌ଘାଟନ ହେବାର ୬ ବର୍ଷ ବିତିଯାଇଥିଲେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇନାହିଁ। ଏ ନେଇ ଫେବୃଆରୀ ୨୦ରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଯାଇଥିଲା। ରାୟଗଡ଼ା ଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ନିର୍ଦ୍ଦେଶରେ ଗୁଣପୁର ଉପଜିଲାପାଳ ଦୁଧାଲ ଅଭିଷେକ ଦିଲୀପଙ୍କ ହସ୍ତକ୍ଷେପ ପରେ ଅଧିକାରୀମାନେ ମଙ୍ଗଳବାର ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଡେପୁଟି କଲେକ୍ଟର ଜନ ବଡ଼ଭୁଆଁ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଗଙ୍ଗାଧର ବେହେରା, ସ୍ଥାନୀୟ ସରପଞ୍ଚ ନମେଶ ଶବର, ପୁଟାସିଂ ସରପଞ୍ଚ ଏସିଆ ଶବରଙ୍କ ସହ ଅନ୍ୟାନ୍ୟ ଅଧିକାରୀମାନେ କୋଠାଗୁଡିକ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ବହୁ ସରଞ୍ଜାମ ନଷ୍ଟ ହୋଇଥିବା, ବିଦ୍ୟୁତ୍ ସାମଗ୍ରୀ ଚୋରି ହୋଇଯାଇଥିବା ଓ କୋଠାଗୁଡ଼ିକ ଅସନା ଅବସ୍ଥାରେ ଥିବା ଦେଖା ଯାଇଥିଲା।

ଗୁଣପୁର ବ୍ଲକ୍ ଅନ୍ତର୍ଗତ ଲାଞ୍ଜିଆ ସୌରା ଅଞ୍ଚଳର ଆବଡ଼ାରେ ୨୦୧୯ ଜୁଲାଇ ୮ରେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ଦ୍ୱାରା ଏହି କମ୍ପ୍ଲେକ୍ସର ଉଦ୍‌ଘାଟନ କରାଯାଇଥିଲା। କିନ୍ତୁ ସ୍କୁଲ ଓ ହଷ୍ଟେଲ ଆଜି ପର୍ଯ୍ୟନ୍ତ ଚାଲୁ ହୋଇ ନ ଥିବାରୁ କୋଠାଗୁଡ଼ିକ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ସେହିପରି ସ୍କୁଲ ପରିସର ଖୋଲା ଅବସ୍ଥାରେ ଥିବା ବେଳେ ଲଟାବୁଦା ମାଡ଼ିଯାଇଥିବା ଓ ଆସବାବପତ୍ର ଉଇ ଖାଇ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ଜିଲା ମଙ୍ଗଳ ବିଭାଗ ପକ୍ଷରୁ କମ୍ପ୍ଲେକ୍ସକୁ ଚଳିତ ବର୍ଷରେ ଚାଲୁ କରିବା ପାଇଁ ପ୍ରୟାସ ଚାଲିଥିବା କୁହାଯାଇଛି। ଏହାସହ ଗୁଣପୁର ଆଦିବାସୀ ଉନ୍ନୟନ ପ୍ରକଳ୍ପ ପକ୍ଷରୁ ଆସନ୍ତା ଜୁନ ସୁଦ୍ଧା ଆବଶ୍ୟକ ମରାମତି କାମ ସମାପ୍ତ କରିବା ଲକ୍ଷ୍ୟ ରଖାଯାଇଥିବା କୁହାଯାଇଛି।

## କାଳବୈଶାଖୀରେ ଘର ଭାଙ୍ଗିବା ଘଟଣା

## କ୍ଷତିଗ୍ରସ୍ତ ଅଞ୍ଚଳରେ ସ୍ଥିତି ଅନୁଧ୍ୟାନକଲା କଂଗ୍ରେସ



ଟିକିରି,୮।୪ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ବ୍ଲକର ବିଭିନ୍ନ ସ୍ଥାନରେ ସୋମବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ଜୋରରେ ପବନ ବୋହିବା ସହ କୁଆପଥର ବର୍ଷା ହୋଇଥିଲା। ଏହାର ପ୍ରଭାବରେ ବ୍ଲକର ବିଭିନ୍ନ ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବିଶେଷକରି ମାଇକଞ୍ଚ ପଞ୍ଚାୟତର ମାଇକଞ୍ଚ, ନୂଆଗାଁ, ପଡାପଦର, କାକିଡ଼ିପଦର ଏବଂ ରେଙ୍ଗା ପଞ୍ଚାୟତର ଚମ୍ପାଯୋଡି, ତେଲଗିରି, ପୋଟାମୁଣ୍ଡେଇ ଗ୍ରାମରେ ଅନେକ ଘର ଭାଙ୍ଗିଥିବା ସୂଚନା ମିଳିଛି। ଗ୍ରାମାଞ୍ଚଳରେ ବିଦ୍ୟୁତ ସେବା ବିଚ୍ଛିନ୍ନ ହୋଇଥିବାରୁ ସ୍ଥାନୀୟ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖବରପାଇ କାଶୀପୁର ବ୍ଲକ କଂଗ୍ରେସ ସଭାପତି ରାଜେନ୍ଦ୍ର ଦୁରିଆ ବୁଧବାର କ୍ଷତିଗ୍ରସ୍ତ ଗ୍ରାମକୁ ଯାଇ ପରିସ୍ଥିତି ଅନୁସନ୍ଧାନ କରିଥିଲେ। ସେ କ୍ଷତିଗ୍ରସ୍ତ ପରିବାରଙ୍କ ସହ ଆଲୋଚନା କରିଥିଲେ। ଏହି ସମସ୍ୟାକୁ ବ୍ଲକ ପ୍ରଶାସନ ଦୃଷ୍ଟି ଆକର୍ଷଣ କରିବେ ଏବଂ କ୍ଷତିଗ୍ରସ୍ତଙ୍କ ପାଇଁ ଆବଶ୍ୟକ ସହାୟତା ବ୍ୟବସ୍ଥା କରାଯିବାକୁ ଦାବି କରିବେ ବୋଲି କହିଥିଲେ ।

# ନିୟମଗିରି ପାହାଡ଼କୁ ଯାଇ ଡଙ୍ଗରିଆଙ୍କ ସମସ୍ୟା ବୁଝିଲେ ବିଡିଓ



ବିଡିଓ ଉନ୍ନୟନ କାର୍ଯ୍ୟ ତଦାରଖ କରୁଛନ୍ତି।

କଲ୍ୟାଣସିଂହପୁର, ୮।୪ (ଦୀପକ କୁମାର ପରିଡା)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୀଷା ଦାସ ବୁଧବାର ପାର୍ସଲି ପଞ୍ଚାୟତ ଅନ୍ତର୍ଗତ ନିୟମଗିରି ପାହାଡ଼ ଉପରେ ଥିବା ବିଭିନ୍ନ ଗ୍ରାମକୁ ଯାଇ ସେଠାରେ ଚାଲୁଥିବା ଉନ୍ନୟନ କାର୍ଯ୍ୟ ତଦାରଖ କରିଥିଲେ। ଏଥିସହ ଲାଖପଦର, ପଟାଙ୍ଗୀ ପଦର, ଡଙ୍ଗାମାଟି ଗ୍ରାମକୁ ଯାଇ ଆଦିମ ଜନଜାତି ଡଙ୍ଗରିଆମାନଙ୍କ ସହ ବିଭିନ୍ନ ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ଏହି ଅବସରରେ ଲାଖପଦରରେ ହେଉଥିବା ପିଏମ୍ ଜନମନ ହାଉସ୍‌ର କାମ କିଭଳି ଚାଲିଛି ତଦାରଖ କରିବା ସହ ଲାଖପଦରରେ ହୋଇଥିବା ସିସି ରୋଡ୍ ବୁଲି ଦେଖିଥିଲେ । ବିଡିଓ ଦାସ ବିକଶିତ ଗାଁ ବିକଶିତ ଓଡ଼ିଶା କମ୍ୟୁନିଟି ସେଣ୍ଟରର ଲେଆଉଟ ଦେଖିବା ସହ ଡଙ୍ଗାମାଟିରେ ନୂଆ କରି ପିଡିଏସ୍ ଚାଉଳ ଦେବା ପାଇଁ କରାଯାଇଥିବା ସବ୍ ସେଣ୍ଟର ବୁଲି ଦେଖିଥିଲେ । ଏହି ଅବସରରେ ଡଙ୍ଗରିଆମାନେ ବିଭିନ୍ନ ମୌଳିକ ସମସ୍ୟା ବିଷୟରେ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମସ୍ତ ସମସ୍ୟାର ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି ବିଡିଓ ଦାସ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ସେହିପରି ଡଙ୍ଗରିଆଙ୍କ ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ବିଡିଓ ନିର୍ଦ୍ଦେଶ ଦେଇଥିଲେ। ବିଡିଓଙ୍କ ଗସ୍ତ ସମୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଶ୍ରୀହରି ମହାନନ୍ଦିଆ, ଏଇ ସମୀର କୁମାର ରଥ, ଜେଇ ଶିବଶଙ୍କର ହେମ୍ବ୍ରମ, ବିପିସି ଉତ୍ତମ ବେହେରା, ପୂର୍ବତନ ସରପଞ୍ଚ ବାମ କାଡ୍ରାକା ପ୍ରମୁଖ ଉପସ୍ଥିତ ଥିଲେ।

## 'ଯୋଗ ଦ୍ୱାରା ଶରୀର ସୁସ୍ଥ ରହିବା ସହ ମନ ସ୍ଥିର ରୁହେ'




ଯୋଗ କେନ୍ଦ୍ର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଗୁଣପୁର,୮।୪( ସୁଜାତା ପାଢ଼ୀ)

ଗୁଣପୁର ଠାରେ ରାଜଇନ୍ଦିରା ଟ୍ରଷ୍ଟ ପକ୍ଷରୁ ବୁଧବାର ଯୋଗ କେନ୍ଦ୍ର ଉଦ୍‌ଘାଟିତ ହୋଇଛି । କାର୍ଯ୍ୟକ୍ରମରେ ରାଜଇନ୍ଦିରା ଚାରିଟେବୁଲ ଟ୍ରଷ୍ଟର ସଭାପତି ରାଜେନ୍ଦ୍ର ପ୍ରସାଦ ପାଢ଼ୀ, ସମ୍ପାଦିକା ଇନ୍ଦିରା ପାଢ଼ୀ, ଆଇନଜୀବୀ ବ୍ରହ୍ମାନନ୍ଦ ପଟ୍ଟନାୟକ , ସମାଜସେବୀ ଅକ୍ଷୟ ଦାସ, ଭାଜପା ର ବରିଷ୍ଠ ନେତା ୱାଇ. ଗଣପତି, ବିଜେଡି ନେତା ଅଶ୍ୱିନୀ ଗମାଙ୍ଗ, ଆଇନଜୀବି ବ୍ରହ୍ମାନନ୍ଦ ପଟ୍ଟନାୟକ, ଅକ୍ଷୟ ଦାସ, ପତିତପାବନ ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ । ଯୋଗ ଦ୍ୱାରା ଶରୀର ସୁସ୍ଥ ରହିବା ସହ ବିଚଳିତ ମନକୁ ସ୍ଥିର ରଖିଥାଏ ବୋଲି ଅତିଥିମାନେ କହିଥିଲେ । ରାଜେନ୍ଦ୍ର ପାଢ଼ୀ ଅସହାୟ ଓ ନିଷ୍ପେସିତଙ୍କ ସେବା ପାଇଁ ନିଜ ଅର୍ଜିତ ସମ୍ପତ୍ତି ଦାନ ଦେବା ସହ ମରୋଣତ୍ତର ନିଜ ଶରୀରର ମୁଲ୍ୟବାନ ଅଙ୍ଗପ୍ରତ୍ୟଙ୍ଗକୁ ସ୍ୱେଚ୍ଛାକୃତ ଭାବେ ଦାନ କରିବାକୁ ଘୋଷଣା କରିବା ସହ ନିଜ ଶରୀର ଓ ଅସ୍ଥି ପିଞ୍ଜରାକୁ ମେଡିକାଲ ଛାତ୍ରୀଛାତ୍ରଙ୍କ ଶିକ୍ଷା ନିମନ୍ତେ ପ୍ରଦାନ କରିବାକୁ ଘୋଷଣା କରିଛନ୍ତି । ନିକଟ ଭବିଷ୍ୟତରେ ଏକ ଅନାଥାଶ୍ରମ ଓ ବୃଦ୍ଧାଶ୍ରମ ପ୍ରତିଷ୍ଠା କରିବା ଲକ୍ଷ୍ୟ ରହିଥିବା ରାଜେନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି । କାର୍ଯ୍ୟକ୍ରମକୁ ଉମା ଦାସ ପରିଚାଳନା କରିଥିବା ବେଳେ ଅବସରପ୍ରାପ୍ତ ପ୍ରଧାପକ ଜାହାର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଟିକା ନେଇ ଦେଢ଼ ମାସର ଶିଶୁ ମୃତ୍ୟୁ ଅଭିଯୋଗ

ଟିକିରି,୮।୪ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଅନ୍ତର୍ଗତ ସୁଙ୍ଗେର ପଞ୍ଚାୟତ ସିଆଡ଼ିମାଳ ଗ୍ରାମର ଜଣେ ଦେଢ଼ ମାସର ଶିଶୁ ଟିକା ନେବାର ପ୍ରାୟ ୫ ଘଣ୍ଟା ପରେ ମୃତ୍ୟୁ ହୋଇଥିବା ତାଙ୍କ ପରିବାର ଲୋକେ କାଶୀପୁର ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

ମୃତ ଶିଶୁଙ୍କ ମା' ଗାୟତ୍ରୀ ମାଝୀ ଓ ବାପା ସୁଦାମ ମାଝୀଙ୍କ କହିବା ଅନୁଯାୟୀ, ତାଙ୍କ ଦେଢ଼ ମାସର ଶିଶୁକୁ ସିଆଡ଼ିମାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ପେଣ୍ଟମ ଫାଷ୍ଟ ଡୋଜ୍ ଟିକା ବା ଆଇପିଭି ଭାକ୍ସିନ ଦିଆଯାଇଥିଲା। ହେଲେ ଟିକା ଦେବାର କିଛି ସମୟ ପରେ ଘରେ ଶିଶୁର ସ୍ୱାସ୍ଥ୍ୟ ଅବସ୍ଥା ବିଗିଡ଼ିଯାଇଥିଲା। ହେଲେ ଶିଶୁର ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଟିକା ଦେଇଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ଯୋଗାଯୋଗ ନ ହୋଇପାରିବାରୁ ପରିବାର ଲୋକେ ସ୍ୱାସ୍ଥ୍ୟକର୍ମୀଙ୍କ ଘର ସୁଙ୍ଗେରକୁ ଯାଇଥିଲେ ମଧ୍ୟ ସେ ସେଠାରେ ନ ଥିଲେ। ଶେଷରେ ପିଲାଟି ପାଟିରୁ ଧଳା ଫେଣ ସହ ନାକ ପଟୁ ରକ୍ତସ୍ରାବ ହେବାରୁ ପରିବାର ଲୋକେ ତାଙ୍କୁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ପିଲାକୁ ମୃତ ଘୋଷଣା କରିଥିଲେ। ଟିକା ଯୋଗୁ ଶିଶୁର ମୃତ୍ୟୁ ହୋଇଥିବା ସମ୍ପର୍କରେ କାଶୀପୁର ମେଡିକାଲ ଇନ୍‌ଚାର୍ଜ ଡାକ୍ତର ନେତ୍ରାନନ୍ଦ ନାୟକଙ୍କୁ ପଚାରିବାରୁ ଶିଶୁ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ବିଶେଷଜ୍ଞଙ୍କ ଦ୍ୱାରା ଶବ ବ୍ୟବଚ୍ଛେଦ ପାଇଁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି। ଏଥିସହ ଟିକା ମଧ୍ୟ ପରୀକ୍ଷା ପାଇଁ ଲାବ୍ ପଠାଯାଇଥିବା କହିଛନ୍ତି।

ପ୍ରକାଶ ଥାଉକି ମୃତ ଶିଶୁଙ୍କ ପରିବାର ସମ୍ପୂର୍ଣ୍ଣ ଭାବେ ଭିନ୍ନକ୍ଷମ। ସ୍ୱାମୀ ସୁଦାମା ଓ ଶ୍ୱଶୁର ଉଭୟ ଭିନ୍ନକ୍ଷମ ହୋଇଥିବାରୁ ବୋହୂ ଗାୟତ୍ରୀ ହିଁ ପରିବାରର ଭରଣପୋଷଣ ଭାର ସମ୍ଭାଳୁଥିବା ଜଣାପଡ଼ିଛି।

## ଅବସରପ୍ରାପ୍ତ ଅଧ୍ୟାପକଙ୍କୁ ସମ୍ବର୍ଦ୍ଧନା



ଅବସରପ୍ରାପ୍ତ ଅଧ୍ୟାପକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଗୁଣପୁର, ୮।୪(ସଂକେତ ପାତ୍ର)

ଗୁଣପୁର ମହାବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼. ଜବାହରଲାଲ ଚୌଧୁରୀଙ୍କୁ ବୁଧବାର ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଧ୍ୟକ୍ଷ ବି. ଶ୍ରୀହରି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାକୁ ବିଭାଗୀୟ ମୁଖ୍ୟ ଡ଼. ସତ୍ୟବାନ ଗରଡା, ଅଧ୍ୟାପକ ଡ଼. ନୃସିଂହ ପାଣିଗ୍ରାହୀ ଓ ପରମେଶ୍ୱର ମାଣ୍ଡିଙ୍ଗା ପରିଚାଳିତ କରିଥିଲେ। ଏହି ଅବସରରେ ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ସତୀଶ ପଟ୍ଟନାୟକ ଡ଼. ଚୌଧୁରୀଙ୍କ ଦୀର୍ଘଦିନର ଉତ୍ସର୍ଗୀକୃତ ଶିକ୍ଷାଦାନ ଓ ଅନୁଷ୍ଠାନ ପ୍ରତି ତାଙ୍କ ଅବଦାନକୁ ସ୍ମରଣ କରିଥିଲେ। ସଭାରେ ଇତିହାସ ବିଭାଗର ପୁରାତନ ଓ ବର୍ତ୍ତମାନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଡ଼. ଚୌଧୁରୀ ମହାବିଦ୍ୟାଳୟ ଓ ଇତିହାସ ବିଭାଗର ଗୌରବମୟ ସ୍ମୃତିକୁ ସ୍ମରଣ କରି ଛାତ୍ରୀଛାତ୍ରଙ୍କୁ କର୍ମନିଷ୍ଠା ଓ ଶିକ୍ଷାରେ ଉତ୍ସର୍ଗୀ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଡ଼. ଚୌଧୁରୀଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ସ୍ମାରକୀ, ଉପହାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

**EKLAVYA MODEL RESIDENTIAL SCHOOL, KOTPAD**
(A Unit of NESTS) Ministry of Tribal Affairs
Government of India
Vill-Dhamanhandi, Dist-Koraput, State-Odisha, Pin-764058
School No-17589, Affiliation No-1520476
Mob. No-9608961523 (Principal), E-mail: emrskotpad@gmail.com
Web: www.emrskotpad.com

Letter No.-18/Walk-in-interview/EMRS/2026-27 Date:07.04.2026

**WALK-IN-INTERVIEW**
**FOR GUEST FACULTY FOR SESSION 2026-27**

A walk-in-interview is scheduled to be held on 24th and 25th of April 2026 (08.00 AM onwards) at Ekalavya Model Residential School (EMRS), Kotpad under Koraput District for selection of candidates to be engaged as guest faculties at EMRS Kotpad, EMRS Boipariguda and EMRS Kundra against the TGT Science, TGT Mathematics, TGT English, TGT Odia, PET (Male and Female), Music & Art Teacher, TGT Hindi, TGT Computer Science, TGT Librarian, PGT English and PGT History. The interested candidates must fill the google form using the link https://forms.gle/ZMWQnzSH9eXpteue9 on or before 22.04.2026 upto 5 PM and attend the walk-in-interview in the office of the Principal, EMRS, Kotpad on the above-mentioned date and time alongwith their CV and the certificates of educational qualification.
For more details, please visit the district NIC website (Koraput) **www.koraput.odisha.gov.in** and may visit the school website **www.emrskotpad.com.**

Sd./- Principal
EMRS, Kotpad

## ପାଇପ୍ ଚୋରି ଗାଡ଼ି ଜବତ, ୨ ଗିରଫ

ମୁନିଗୁଡା,୮।୪ (ନନ୍ଦ କିଶୋର ପଟ୍ଟନାୟକ)

ପାନୀୟଜଳ ଯୋଗାଣ ପ୍ରକଳ୍ପରେ ବ୍ୟବହାର ହେଉଥିବା ପାଇପ୍ ଚୋରା ଚାଲାଣ ହେଉଥିବା ଏକ ଗାଡିକୁ ମୁନିଗୁଡା ପୋଲିସ ଜବତ କରଛି। ଏହି ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତକୁ ପୋଲିସ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ ଭଟାଙ୍ଗ ଗ୍ରାମର ପରିମଳ ବିଶି (୩୪) ଓ ଭାଟେଲି ଗ୍ରାମର ମିଥୁନ ରାଣା(୨୦) ବୋଲି ଜଣାପଡିଛି। ପୋଲିସ ଗାଡି ନଂ( ଓଡି୦୮ଏଏ ୫୨୪୪) ସହ ୮୦ଟି ଚୋରି ପାଇପ ଜବତ କରିଛି।

ଏକ ଗ୍ୟାଙ୍ଗ ରାୟଗଡା ଜିଲାର ଚନ୍ଦ୍ରପୁର, ହନୁମନ୍ତପୁର, ଡାଙ୍ଗସୋରଡ଼ା, ବିଷମକଟକ ଓ ଅମ୍ବାଦଳା ଅଞ୍ଚଳରେ ସରକାରୀ ଡିଆଇ ପାଇପ କେଉଁ ସ୍ଥାନରେ ଗଚ୍ଛିତ ରହିଛି, ତାକୁ ନଜରରେ ରଖୁଥିଲେ। ରାତି ସମୟରେ ଗାଡି ଭଡା କରି ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ଶ୍ରମିକ ଭାବେ ଯୋଗାଡ଼ କରି ଦ୍ରୁତ ଭାବେ ଲୋଡିଂ କରି କନ୍ଧମାଳ ଜିଲା ଡୁମୁଡିବନ୍ଧ ଦେଇ କଳାହାଣ୍ଡି ଜିଲା ଭବାନୀପାଟଣା ରୁଟ୍ ଦେଇ ପଶ୍ଚିମବଙ୍ଗକୁ ଟ୍ରାନ୍ସପୋର୍ଟ କରୁଥିଲେ ବୋଲି ଗିରଫ ଅଭିଯୁକ୍ତଙ୍କୁ ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଚୋରି ର୍ୟାକେଟରେ ସମ୍ପୃକ୍ତ ଥିବା ମୁଖ୍ୟ ଅଭିଯୁକ୍ତ ଭୁବନଙ୍କ ସହ ଗ୍ୟାଙ୍ଗରେ ସାମିଲ ଥିବା ଅନ୍ୟ ସଦସ୍ୟଙ୍କୁ ଶୀଘ୍ର ଧରିବା ପାଇଁ ବିଶେଷ ଅଭିଯାନ ଜାରି ରହିଛି । ଏ ନେଇ ମୁନିଗୁଡା ଥାନାରେ କେଶ ନଂ ୧୦୩/୨୬ ମାମଲା ରୁଜୁ କରି ୨ଜଣଙ୍କୁ କୋର୍ଟକୁ ସ୍ଥାନାନ୍ତର କରିବା ସହ ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ମୁନିଗୁଡା ଥାନା ଅଧିକାରୀ କେଶବ ଷଡ଼ଙ୍ଗୀ ଓ ଡାଙ୍ଗସୋରଡ଼ା ଫାଣ୍ଡି ଅଧିକାରୀ ମନୋରଞ୍ଜନ ବିଶ୍ୱାଳ ସୂଚନା ଦେଇଛନ୍ତି।

# ନାଗାବଳୀରେ ବୁଡ଼ି ଯୁବକ ମୃତ

କଲ୍ୟାଣସିଂହପୁର, ୮।୪ (ଦୀପକ କୁମାର ପରିଡା)



ରାୟଗଡ଼ା ଜିଲା କଲ୍ୟାଣସିଂହପୁର ଅଞ୍ଚଳ ଦେଇ ପ୍ରବାହିତ ନାଗାବଳୀ ନଦୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କରପା ପଞ୍ଚାୟତ ପେଟିଲିଗୁଡ଼ା ଶ୍ରୀରାମ ନଗରର ସଦା ଝଡ଼ିଆ (୩୬)। ସଦା ବୁଧବାର ଦ୍ୱିପ୍ରହରରେ ୩ ଯୁବକଙ୍କ ସହିତ ନାଗାବଳୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ସେ ହଠାତ୍ ନଦୀରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ଗ୍ରାମବାସୀ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ନ ପାଇ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳକୁ ଆସି ଦୀର୍ଘ ସମୟ ଧରି ଖୋଜାଖୋଜି କରିବା ପରେ ପାଣିରୁ ମୃତଦେହ ଜବତ କରିଥିଲେ। ଘଟଣା ସମ୍ପର୍କରେ ଥାନା ଅଧିକାରୀ କଳ୍ପନା ବେହେରାଙ୍କୁ ଖବର ଦିଆଯାଇଥିବା ପରେ ସେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

# ଟ୍ରିବ୍ୟୁନାଲ ରାୟକୁ ବିଜେଡିର ବିରୋଧ

**ବଂଶଧାରା ଜଳ ବିବାଦ**

■ ଉପରମୁଣ୍ଡରେ ପ୍ରକଳ୍ପ ନିର୍ମାଣ ଦାବି

ଗୁଣପୁର,୮।୪( ସୁଜାତା ପାଢ଼ୀ)




ଖବରଦାତା ସମ୍ମିଳନୀରେ ବିଜେଡି ନେତା ସୂଚନା ଦେଉଛନ୍ତି।

ବଂଶଧାରା ନଦୀ ଜଳ ବିବାଦକୁ ନେଇ ବିଜେଡି ପକ୍ଷରୁ ବୁଧବାର ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା । କେନ୍ଦ୍ର ଭାଜପା ସରକାର କ୍ରମାଗତ ଭାବେ ଅନ୍ୟାୟ କରିଚାଲିଛନ୍ତି । ନିଜ ରାଜନୈତିକ ସ୍ୱାର୍ଥ ସାଧନ ଲାଗି ଭାଜପା ସରକାର ଆନ୍ଧ୍ରପ୍ରଦେଶ ସରକାରଙ୍କ ପ୍ରତି ସମ୍ବେଦନଶୀଳ ରହି ଆସୁଛନ୍ତି ବୋଲି ବିଜେଡି ଅଭିଯୋଗ କରିଥିଲା। କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର ଟାଳଟୁଳ ନୀତି ଅବଲମ୍ବନ କରିବା କାରଣରୁ ଟ୍ରିବ୍ୟୁନାଲରେ ଓଡ଼ିଶାର ପକ୍ଷ ଦୁର୍ବଳ ହୋଇଥିଲା । ରାଜ୍ୟରେ ବିଜେଡି ସରକାର ଶାସନ ଥିବା ବେଳେ ପ୍ରତ୍ୟେକ ଜଳସେଚନ ପ୍ରକଳ୍ପ ଓ ନଦୀ ଜଳ ସୁରକ୍ଷା ଦିଗରେ ଦୂରଦର୍ଶୀ ଲକ୍ଷ୍ୟ ଓ ଓଡ଼ିଶାବାସୀଙ୍କ ସ୍ୱାର୍ଥର ହିତ ଚିନ୍ତା କରିଥିବା କାରଣରୁ ଅନେକ ପଦକ୍ଷେପ ନେଇଛନ୍ତି । ବିଶେଷକରି ବଂଶଧାରା ଜଳ ବିବାଦର ସ୍ଥାୟୀ ସମାଧାନ ନିମନ୍ତେ କୌଣସି ବଡ଼ ନଦୀର ଉପରମୁଣ୍ଡରେ ବଡ଼ ପ୍ରକଳ୍ପ କରିବା ଦ୍ୱାରା କେନ୍ଦ୍ରର ଅନୁମତି ଆବଶ୍ୟକ ପଡୁଥିବା କାରଣରୁ ଏହାକୁ ଏଡାଇ ବଂଶଧାରା ନଦୀ ଜଳରେ ଓଡ଼ିଶାର ୫୦ ପ୍ରତିଶତ ଜଳ ହକ୍‌କୁ କାର୍ଯ୍ୟରେ ଲଗାଇ ଛୋଟ ପ୍ରକଳ୍ପ ଦ୍ୱାରା ବଂଶଧାରା ଅବବାହିକା ଚାଷୀ, ଜନତା ଓ ପରିବେଶ ସୁରକ୍ଷା ନିମନ୍ତେ ଯୋଜନା କରି ପ୍ରାୟ ୧୨୦୦ କୋଟି ଟଙ୍କା ଅନୁମୋଦନ କରିଥିଲେ। କିନ୍ତୁ ବର୍ତ୍ତମାନ ଭାଜପା ସରକାର ନିଜ ସାଥୀ ଆନ୍ଧ୍ରପ୍ରଦେଶର ସ୍ୱାର୍ଥ ରକ୍ଷା ନିମନ୍ତେ ଉକ୍ତ ପ୍ରକଳ୍ପକୁ ଶୀତଳ ଭଣ୍ଡାରକୁ ନେବା ଦୁର୍ଭାଗ୍ୟଜନକ ବୋଲି ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ ଅଭିଯୋଗ କରିଥିଲେ। ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟି ରଖି ବଂଶଧାରା ନଦୀର ଉପରମୁଣ୍ଡରେ ପ୍ରକଳ୍ପ କରିବା ପାଇଁ ଦାବି କରିଥିଲେ। ସରକାର କିଛି ପଦକ୍ଷେପ ନ ନେଲେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଚେତାବନୀ ଦେଇଥିଲେ। ଖବରଦାତା ସମ୍ମିଳନୀରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶ୍ୱିନୀ ଗମାଙ୍ଗ, ବାଳି ଗମାଙ୍ଗ, ଯୁବନେତା ବିଷ୍ଣୁ ପଣ୍ଡା, ପୌର ପରିଷଦ କାଉନସିଲର ଶିବ ପାଢ଼ୀ, ବରିଷ୍ଠ ନେତା ଏସ୍. ବାବାପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।

**ଋଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସ୍**
ସି-୭୧, ସେକ୍ଟର-୭, ସିଡ଼ିଏ, କଟକ, ଓଡ଼ିଶା
ଓ.ଏ. ନଂ. ୨୦୨୪ର ୩୯୬

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ଭୁବନେଶ୍ୱର, ଓଡ଼ିଶା .....ଆବେଦନକାରୀ
ବନାମ
ସନ୍ଦୀପ ହରିଚନ୍ଦନ ଏବଂ ଅନ୍ୟମାନେ .....ପ୍ରତିବାଦୀ(ମାନେ)

ପ୍ରାପ୍ତେଷୁ,
୧) ମେସର୍ସ ହୋଟେଲ ଗାଲାକ୍ସୀ ଇଣ୍ଟରନ୍ୟାସନାଲ, ସ୍ୱତ୍ୱାଧିକାରୀ: ଶ୍ରୀ ସନ୍ଦୀପ ହରିଚନ୍ଦନଙ୍କ ଦ୍ୱାରା ପ୍ରତିନିଧିତ୍ୱ, ପିତା: ପ୍ରମୋଦ କୁମାର ପାଇକରାୟ, ସା: ପ୍ଲଟ୍ ନଂ.: ୫୧୬/୧୭୧୯, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖ, କିଟ୍ ସ୍କୋୟାର, ପଟିଆ, ଭୁବନେଶ୍ୱର-୭୫୧୦୨୪, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା) .....ପ୍ରତିବାଦୀ ନଂ. ୨
୨) ହୋଟେଲ ଗାଲାକ୍ସୀ, ସ୍ୱତ୍ୱାଧିକାରୀ: ଶ୍ରୀ ସନ୍ଦୀପ ହରିଚନ୍ଦନଙ୍କ ଦ୍ୱାରା ପ୍ରତିନିଧିତ୍ୱ, ପିତା: ପ୍ରମୋଦ କୁମାର ପାଇକରାୟ, ସା: ପ୍ଲଟ୍ ନଂ.: ୧୦୧୬/୧୫୦୪, ସବ୍ ପ୍ଲଟ୍ ନଂ.: ଇ-୨୧, ଅଶୋକ ନଗର, ୟୁନିଟ୍-୨, ଭୁବନେଶ୍ୱର-୭୫୧୦୦୯, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା) .....ପ୍ରତିବାଦୀ ନଂ.୩

**ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ସମନ୍**

ଏତଦ୍ଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ ଓ.ଏ. ନଂ. ୨୦୨୪ର ୩୯୬ ଦ୍ୱାରା ଟ.୫୩,୫୮,୯୦୪.୦୦ ମାତ୍ର ଋଣ ରାଶି ଏବଂ ତତ୍‌ସହିତ ଚଳିତ ଓ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଇଜିଲାସ୍‌ରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି। ତେଣୁ ଏତଦ୍ଦ୍ୱାରା ଉପରିଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି ଏହି ନୋଟିସ୍ ପ୍ରକାଶନର ୩୦ ଦିନ ମଧ୍ୟରେ କିମ୍ବା ତା୧୭.୦୬.୨୦୨୬ରିଖ ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ରହି ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।

ଏହି ନୋଟିସ୍ ମାଧ୍ୟମରେ ଅବଗତ କରାଇ ଦିଆଯାଉଅଛି କି ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ।

ମୋ ଦ୍ୱାରା ଏବଂ ଏହି ପ୍ରାଧିକରଣର ସହି ମୋହର ସହ ଅଦ୍ୟ ଦିନାଙ୍କ ୨୬ ମାର୍ଚ୍ଚ, ୨୦୨୬ରେ ଆଦିଷ୍ଟ।

ସ୍ୱା/- (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର

**୮୦ ଫୁଟ ଘାଟି ତଳକୁ ଖସିଲା ଟ୍ରକ୍**

ଜୟପୁର,(ପବନ ପାଣିଗ୍ରାହୀ)-ଜୟପୁର ଘାଟି ରାସ୍ତା ଗଙ୍ଗେଇଶୁଣି ମନ୍ଦିର ନିକଟରେ ୮୦ ଫୁଟ ତଳକୁ ଟ୍ରକ୍ ଖସିପଡ଼ିଛି। ଡ୍ରାଇଭର ଗୁରୁତର ହୋଇଥିଲେ। ବ୍ରେକ ଫେଲ ହୋଇଯିବାରୁ କୋରାପୁଟରୁ ଜୟପୁର ଆସୁଥିବା ଟ୍ରକ୍ ନିୟନ୍ତ୍ରଣ ହରାଇ ରାସ୍ତାପାର୍ଶ୍ୱର ପାଚେରୀ ଭାଙ୍ଗି ପ୍ରାୟ ୮୦ ଫୁଟ ଘାଟି ତଳକୁ ଖସିଯାଇଥିଲା। ଜୟପୁର ସଦର ପୋଲିସ ଓ ଅଗ୍ନିଶମ ବିଭାଗ ରାତିରେ ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସାଳୟକୁ ପଠାଇଥିଲେ।

## ଶିବିରରୁ ୩୦ ୟୁନିଟ୍ ରକ୍ତ ସଂଗ୍ରହ

ନନ୍ଦପୁର,୮।୪(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଓଡ଼ିଆ ପକ୍ଷ ଅବସରରେ ରକ୍ତଦାନ ଶିବିର ସିଦ୍ଧେଦେବୀ କଲେଜ ପରିସରରେ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ୩୦ ରକ୍ତଦାତାଙ୍କଠାରୁ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଶିବିରରେ ବିଡିଓ ଦୁର୍ଗାପ୍ରସାଦ ଦୋରା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଅମିତ୍ କୁମାର ସାହୁ, କଲେଜ ଅଧ୍ୟକ୍ଷ ଅମର କୁମାର ମହାପାତ୍ର, ବ୍ଲକ ସହକାରୀ ଶିକ୍ଷାଧିକାରୀ ମମତାଜ ଗମାଙ୍ଗ, ଶିକ୍ଷକ ପ୍ରଦୀପ କୁମାର ତ୍ରିପାଠୀ, ଏନ୍ଏସ୍ଏସ୍ ଅଧିକାରୀ ସନ୍ତୋଷ କୁମାର ହନ୍ତାଳ ପ୍ରମୁଖ ଉପସ୍ଥିତ ଥିଲେ। ସିଡିପିଓ ମିନତି ବାଳା ପଟ୍ଟନାୟକ, ଅଧ୍ୟାପକ କିଶୋର ଚନ୍ଦ୍ର ବେହେରା, ଥାନାର ୩ ଯବାନଙ୍କ ସମେତ ୨୫ ଛାତ୍ରୀଛାତ୍ର ଓ କର୍ମଚାରୀ ରକ୍ତଦାନ କରିଥିଲେ। ଜିଲା ରକ୍ତଭଣ୍ଡାର ନର୍ସିଂ ଅଫିସର କୈବଲ୍ୟ କୁମାର ଦାସ, ଏଲଟି ଦେବବ୍ରତ ଦାସ, ଅଟେଣ୍ଡାଣ୍ଟ ଅଜିତ୍‌କୁମାର ଗଉଡ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ସମସ୍ତ ରକ୍ତଦାତାଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

# ଜିଲାରେ ଶିକ୍ଷା, ଜଙ୍ଗଲ ଓ ପରିବେଶର ଉନ୍ନତିକୁ ଗୁରୁତ୍ୱ

## କେନ୍ଦ୍ର ପରିବେଶ,ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ସଚିବଙ୍କ କୋରାପୁଟ ଗସ୍ତ

କୋରାପୁଟ,୮।୪(ଅମିତାଭ ବେହେରା)

କେନ୍ଦ୍ର ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ସଂଯୁକ୍ତ ସଚିବ ତଥା ଜିଲା ନୋଡାଲ ସଚିବ ସତ୍ୟଜିତ ମିଶ୍ର ଦୁଇଦିନିଆ କୋରାପୁଟ ଜିଲା ଗସ୍ତ କରିଛନ୍ତି। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ବୁଧବାର ସମୀକ୍ଷା କରିଛନ୍ତି। ଗାନ୍ଧୀନଗରସ୍ଥିତ ସହରାଞ୍ଚଳ ପିଏଚସି ବୁଲି ଦେଖିବା ସହ ରୋଗୀଙ୍କ ସହ ଆଲୋଚନା କରିଛନ୍ତି। ଡାକ୍ତର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରବିନାରାୟଣ ମିଶ୍ର, ଏଡିପିଏଚଓ ଡା. ଶିବ ସାଇ ସ୍ୱରୂପ, ଡା. ମୁକ୍ତିକାନ୍ତ ଖଟୁଆ ଓ ଅନ୍ୟ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଓ ଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ଏହା ପରେ ସେ ସେମିଳିଗୁଡ଼ା ବ୍ଲକ ରାଜପୁଟ ଗ୍ରାମରେ ମିଲେଟ ପ୍ରୋସେସିଂ ୟୁନିଟ୍ ପରିଦର୍ଶନ କରି ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କ ସହ


ଜିଲା ନୋଡାଲ ସଚିବ ସତ୍ୟଜିତ ମିଶ୍ର ଆରୋଗ୍ୟ ଚିକିତ୍ସାଳୟ ପରିଦର୍ଶନ କରୁଛନ୍ତି।

କଥା ହୋଇଥିଲେ। ଦଳେଇଗୁଡ଼ା ଗ୍ରାମରେ କଫି ନର୍ସରୀ ଓ ପଟ୍ଟାଙ୍ଗୀ ବ୍ଲକ କରଞ୍ଜିଗୁଡ଼ା ଗ୍ରାମରେ ଷ୍ଟ୍ରବେରୀ ଚାଷ ଦେଖିଥିଲେ। ଚାଷୀମାନଙ୍କ ସହ ମତ ବିନିମୟ କରିଥିଲେ। ଦେଓମାଳି ପର୍ଯ୍ୟଟନସ୍ଥଳୀରେ ଉନ୍ନୟନ କାର୍ଯ୍ୟ ନେଇ ଅଧିକାରୀଙ୍କ ସହ ସମୀକ୍ଷା କରିଥିଲେ। ଏଥିସହ ଭାରତମାଳା ପ୍ରକଳ୍ପ ଅନ୍ତର୍ଗତ ଓଡି-୦୭ ଟ୍ୱିନ ଟନେଲ ବୁଲି ଦେଖିଥିଲେ। ସଦ୍‌ଭାବନା ସଭାଗୃହରେ ଜିଲାର ବିଭିନ୍ନ ବିଭାଗର ରାଜ୍ୟ ଓ କେନ୍ଦ୍ର ପ୍ରଯୋଜିତ ଯୋଜନାର ଅବସ୍ଥା ନେଇ ସମୀକ୍ଷା ହୋଇଥିଲା। ଏହି ଅବସରରେ ସେ କୋରାପୁଟ ଆକାଂକ୍ଷା ଜିଲାର ଆରୋଗ୍ୟ, ଶିକ୍ଷା, କୃଷି ଓ ଉଦ୍ୟାନ, ପଶୁ ସମ୍ପଦ, ଜାତୀୟ ରାଜପଥ ଅଗ୍ରଗତି, ଶିଶୁ ବିକାଶ ଯୋଜନା, ଜଙ୍ଗଲ ଓ ପରିବେଶ ପାଇଁ ଢାଞ୍ଚାଗତ ଉନ୍ନତି ଉପରେ ଗୁରୁତ୍ୱ ଦେଇଛନ୍ତି। ବୈଠକରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, ଜିଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି, ଉଦ୍ୟାନ ଉପନିର୍ଦ୍ଦେଶକ ସୁଦାମ କୁମାର ବିଶ୍ୱାଳ, ଜିଲା ମୁଖ୍ୟ ପଶୁଧନ ଅଧିକାରୀ ଜେ. ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାରେ ବିଇଓ, ଏବିଇଓ ପଦବୀ ପୂରଣ ପାଇଁ ସଚିବଙ୍କୁ ପତ୍ର

ନନ୍ଦପୁର,୮।୪ (ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଭାଗରେ ଅଧିକାରୀ ଅଭାବୀ ସ୍ଥିତିର ପୂରଣ କରିବାକୁ ଅନୁରୋଧ କରାଯାଇଛି। ରାଜ୍ୟ ଜନଶୁଣାଣି ପୋର୍ଟାଲରେ ପଞ୍ଜୀକୃତ ଅଭିଯୋଗର ଉତ୍ତର ରଖି ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୯୭୩/ଇଏସ୍‌ଟି-ଭାକେନ୍ସି ପ୍ରକାରେ ଜିଲାରେ ଅନୁମୋଦିତ ୧୪ ବିଇଓ ପଦବୀ ମଧ୍ୟରୁ ୮ ବିଇଓ ଓ ୪୨ ଏବିଇଓ ପଦବୀ ମଧ୍ୟରୁ ୨୫ ଏବିଇଓ ପଦବୀ ଖାଲି ପଡ଼ିଥିବା ସୂଚନା ଦିଆଯାଇ ତୁରନ୍ତ ଖାଲି ପଦବୀ ପୂରଣ କରିବାକୁ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବ ଓ ଅତିରିକ୍ତ ସଚିବଙ୍କୁ ଅନୁରୋଧ କରାଯାଇଛି।

ସୂଚନା ମୁତାବକ ଜିଲାର ୧୪ ବ୍ଲକ୍‌ରେ ବିଇଓ, ଏବିଇଓଙ୍କ ଅଭାବ ସ୍ଥିତି ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହି ଖବର ଜନଶୁଣାଣି ପୋର୍ଟାଲରେ ପଞ୍ଜୀକୃତ ହୋଇଥିଲା। ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କୁ ଖବରର ସତ୍ୟତା ଓ ଅଧିକାରୀଙ୍କ ବାସ୍ତବିକ ସ୍ଥିତି ଅନୁଧ୍ୟାନକରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ମିଳିଥିଲା। ଜିଲା ଶିକ୍ଷାଧିକାରୀ କରୁଣାକର ଭୁଏ ଜିଲାପାଳଙ୍କ ଜରିଆରେ ଜନଶୁଣାଣି ପୋର୍ଟାଲ, ରାଜ୍ୟ ଶିକ୍ଷା ସଚିବ ଓ ଅତିରିକ୍ତ ସଚିବଙ୍କ ଉଦ୍ଦେଶ୍ୟରେ ରିପୋର୍ଟ ପ୍ରଦାନ କରିଛନ୍ତି। ଏଥିରେ ଜିଲାରେ ଶିକ୍ଷା ବିଭାଗକୁ ସୁଦୃଢ଼ କରିବାକୁ ଖାଲି ପଡ଼ିଥିବା ୮ ବିଇଓ ଓ ୨୫ ଏବିଇଓ ପଦବୀ ପୂରଣ ନେଇ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ରିପୋର୍ଟ ସାର୍ବଜନୀନ ହେବା ପରେ ଜିଲାର ଶିକ୍ଷାବିତ୍, ବୁଦ୍ଧିଜୀବୀ, ବିରୋଧୀ ଦଳ ନେତାମାନେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଅବିଭକ୍ତ କୋରାପୁଟ ଜିଲାରେ ଶିକ୍ଷା ବିଭାଗରେ ଅଧିକାରୀ, ଶିକ୍ଷୟିତ୍ରୀ, ଶିକ୍ଷକ, ଶିକ୍ଷା ଭିତ୍ତିଭୂମିର ଅଭାବୀ ସ୍ଥିତି ନେଇ ପ୍ରଶ୍ନ କରିଛନ୍ତି। ଶିକ୍ଷା ବିଭାଗ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି।

# ସରିଲା ୩ ଦେବୀଙ୍କ ଘଟଯାତ୍ରା

ଲକ୍ଷ୍ମୀପୁର, ୮।୪(ଅନନ୍ତ ପ୍ରସାଦ ନାୟକ)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ୍ ଗୌଡ଼ଗୁଡ଼ାରେ ମା' ଠାକୁରାଣୀ, ମା' ବଡ଼ଦେବତା, ମା' କାଳୀଙ୍କ ଘଟଯାତ୍ରା ବୁଧବାର ଶେଷ ହୋଇଛି। ରବିବାର ରାତିରେ ୩ ଦେବୀଙ୍କ ଘଟକୁ ମୁଖ୍ୟ ମନ୍ଦିରରୁ ବାଜବଜଣା ସହ ପୂଜାର୍ଚ୍ଚନା କରାଯାଇ ଯାତ୍ରା ମଣ୍ଡପକୁ ଅଣାଯାଇଥିଲା। ଦୁଇଦିନମଣ୍ଡପରେ ପୂଜା ପାଇଥିଲେ ୩ ଦେବୀ। ରାତିରେ ଗୁରୁମାଇଙ୍କ ସହ ବାଜାବାଜଣାରେ ଘର ଘର ବୁଲି ଧୂପ ଦୀପ ନୈବେଦ୍ୟ ଦେଇ ପୂଜା କରାଯାଇଥିଲା। ନିଆଁ ଖମିରେ ଚାଲିବା ସହ କଣ୍ଟା ଦୋଳିରେ ଝୁଲାଯାଇଥିଲା। ଶ୍ରଦ୍ଧାଳୁମାନେ ରାସ୍ତାରେ ଗଡ଼ିଥିଲେ। ମା'ତାଙ୍କ ଉପରେ ଚାଲିଲେ ସ୍ୱାସ୍ଥ୍ୟ ଭଲ ରହିବ ବୋଲି ବିଶ୍ୱାସ ରହିଛି। ମାନସିକଧାରିମାନେ ବୋଉଳାଣି ପଡିଆରେ ବଳି ପ୍ରଥା କରିଥିଲେ। ପର୍ବ ଉପଲକ୍ଷେ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ଯାତ୍ରା ପରିଚାଳନା କମିଟି ସଭାପତି ଦମ୍ବରୁ ଧର ମୁଦୁଲି, ସମ୍ପାଦକ ମେଘ ନାଦ ପ୍ରଧାନି, ସାମାଜିକ କର୍ମୀ ବାଲ୍ୟକୃଷ୍ଣ ନାୟକ, ସୁନିଲ ନାୟକ, ଧର୍ମେନ୍ଦ୍ର ନାୟକ ଓ ପାଇକୁ ମୁଦୁଲି ପ୍ରମୁଖ ପରିଚାଳନା କରିଥିଲେ।

# ପଞ୍ଚାୟତ ସମିତି ବୈଠକରୁ ଉଠି ଚାଲିଗଲେ ସରପଞ୍ଚ, ସମିତିସଭ୍ୟ

## ଅଧ୍ୟକ୍ଷା, ଉପାଧ୍ୟକ୍ଷଙ୍କ ବିବାଦ

ସୁନାବେଡା/ସେମିଳିଗୁଡ଼ା,୮।୪
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସେମିଳିଗୁଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ସଭାଗୃହରେ ପଞ୍ଚାୟତ ସମିତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମଙ୍କ ଅଧ୍ୟକ୍ଷତାରେ ବ୍ଲକ ଅଧ୍ୟକ୍ଷା ଲିଲି ଅଣ୍ଟାବିରିଆ, ଉପାଧ୍ୟକ୍ଷ ଶିବା ବାଙ୍ଗାରି, ଜୋନ-୨ ଜିଲା ପରିଷଦ ସଦସ୍ୟ ମୋହନ ଯାନୀ,ଏମ୍‌ପି ପ୍ରତିନିଧି ଜଗତରାୟ ଖିନବୁଡି, ବିଡିଓ ଯସ୍ମିନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ କାଡାମ ବ୍ଲକ ଅଧୀନ ଏକାଧିକ ପଞ୍ଚାୟତରେ ଚାଲୁଥିବା ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରି ଅଗ୍ରଗତି ନେଇ ପଚାରି ବୁଝିଥିଲେ। କାମଗୁଡ଼ିକର କିଛି ସମସ୍ୟା ନେଇ ସାମୁହିକ ଆଲୋଚନା କରିଥିଲେ। ଏହି ସମୟରେ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷାଙ୍କ ବିବାଦର ଆଲୋଚନା ଆରମ୍ଭ ହେବାରୁ ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ଗୃହରୁ ଚାଲି ଯାଇଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ମିଶ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। କିଛିଦିନ ହେବ ବ୍ଲକ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କ ମଧ୍ୟରେ ବିବାଦ ଲାଗି ରହିଥିବା ଜଣାପଡ଼ିଛି। ଏଥିଯୋଗୁ ପଞ୍ଚାୟତର ଅନେକ ଉନ୍ନୟନ କାମ ଠପ ହୋଇ ରହିଥିବା ଅଭିଯୋଗ ହେଉଥିଲା। ଏହାକୁ ବିଧାୟକଙ୍କ ଅଧ୍ୟକ୍ଷତାରେ ସମାଧାନ କରିବାକୁ ଚେଷ୍ଟା କରାଯାଇଥିଲା। ଏ ନେଇ ବିଧାୟକ କାଡାମଙ୍କୁ ପଚାରିବାରୁ ସେ ପରୋକ୍ଷରେ ବିବାଦକୁ ସ୍ୱୀକାର କରିଥିଲେ। କୌଣସି ମତଭେଦ ନ ଥିବା ଓ ସମାନ୍ୟ କିଛି ମତପାର୍ଥକ୍ୟକୁ ଆଲୋଚନାରେ ସମାଧାନ କରାଯାଇଥିବା କହିଛନ୍ତି। ବୈଠକ ସରି ଆସିଥିବାରୁ ସମସ୍ତେ ଉଠି ଯାଇଥିବା କହିଛନ୍ତି। ଅଧ୍ୟକ୍ଷା ଅଣ୍ଟାବିରିଆ ବୈଠକ ଠିକ ଭାବେ ସମାପନ ହୋଇଥିବା, କିଛି ବାଦବିବାଦ ନ ଥିବା ଓ ଭଲରେ ଆଲୋଚନା ହୋଇଥିବା କହିଛନ୍ତି।

ଏ ସମ୍ପର୍କରେ ଦୁଧାରୀ ସରପଞ୍ଚ ମାଧବ ନନ୍ଦିବାଲି ଦୀର୍ଘଦିନ ହେବ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କ ମଧ୍ୟରେ ବିଭିନ୍ନ କାମକୁ ନେଇ ବିବାଦ ଲାଗି ରହିଛି। ଏହାକୁ ସମସ୍ତଙ୍କ ଉପସ୍ଥିତିରେ ସମାଧାନ କରିବାକୁ ଚେଷ୍ଟା କରାଯାଉଥିଲା। କିନ୍ତୁ ସେମାନଙ୍କ ବିବାଦରେ ସରପଞ୍ଚ ଓ ସମିତିସଭ୍ୟମାନଙ୍କ କୌଣସି ରୁଚି ନ ଥିବାରୁ ଉଠି ଚାଲିଯାଇଥିବା ସେ କହିଛନ୍ତି।

# ପାକୁଳି ଗୁମ୍ଫାରେ ଚଇତ ପରବ


ଚଇତ ପରବରେ ସ୍ଥାନୀୟ ବାସିନ୍ଦା ନୃତ୍ୟ ପରିବେଷଣ କରୁଛନ୍ତି।

ସୁନାବେଡ଼ା/ସେମିଳିଗୁଡ଼ା, ୮।୪
(କୃତ୍ତିବାସ ପ୍ରଧାନ/ ବାସୁଦେବ ବରାଡ଼)

କୋରାପୁଟ ଜିଲା ସେମିଳିଗଡ଼ା ବ୍ଲକ ମାଳିପର୍ବତର ପାକୁଳି ଗୁମ୍ଫାରେ ଚଇତ ପରବ ଓ ଡଙ୍ଗର ଯାତ୍ରା ବୁଧବାର ଅନୁଷ୍ଠିତ ହୋଇଛି। ଆଦିବାସୀଙ୍କ ସଂସ୍କୃତି ଓ ପରମ୍ପରା ତଥା ବିଶ୍ୱାସର ପ୍ରତୀକ ଠାକୁରାଣୀଙ୍କୁ ରିତିନୀତିରେ ପୂଜା କରାଯାଇଥିଲା। ଗୁମ୍ଫାର ପାକୁଳି ଠାକୁରାଣୀଙ୍କୁ ଆଦିବାସୀ ସମ୍ପ୍ରଦାୟର ହଜାର ହଜାର ଲୋକ ପ୍ରତିବର୍ଷ ପୂଜା କରିଥାନ୍ତି। ଗୁମ୍ଫାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପରମ୍ପରାକୁ ନେଇ ସ୍ଥାନୀୟ ଅଧିବାସୀ ଏହାକୁ ପର୍ଯ୍ୟଟନ ମାନ୍ୟତା ଦେବାକୁ ଦାବି କରିଛନ୍ତି। ଯାତ୍ରାରେ ମାଳି ପର୍ବତ ସୁରକ୍ଷା ସମିତି ସଭାପତି ବିଜୟ ଖିଲ, କାର୍ଯ୍ୟକାରୀ ସମ୍ପାଦକ ନିରଞ୍ଜନ ଖିଲ, ଭାଜପା ପୂର୍ବତନ ବିଧାୟକ ପ୍ରାର୍ଥୀ ଚୈତନ୍ୟ ନନ୍ଦିବାଲି, ଚାଷୀ ମୁଲିଆ ଆଦିବାସୀ ସଂଘ ମୁଖ୍ୟ ନାଚିକା ଲିଙ୍ଗା ଓ ୮ ପଞ୍ଚାୟତର କର୍ମକର୍ତ୍ତା, ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ। ମାଳି ପର୍ବତ ସୁରକ୍ଷା ସମିତିର ଶତାଧିକ ସଦସ୍ୟ ଜିଲା ଓ ବାହାରୁ ଆସିଥିବା କର୍ମକର୍ତ୍ତାଙ୍କୁ ଫୁଲମାଳ ସହ ଢେମସାର ତାଳେ ତାଳେ ସଭାସ୍ଥଳକୁ ନେଇଥିଲେ। ସମସ୍ତ ଅତିଥି ମା' ପାକୁଳି ଦେବୀଙ୍କ ଦର୍ଶନ କରିଥିଲେ।

# ତଦନ୍ତ କଲେ ଉପଜିଲାପାଳ, ଅଧିକାରୀ

## ଦୁରୁଆ ଜନଜାତିଙ୍କ କିରାଣିଙ୍କ ବିରୋଧରେ ଅଭିଯୋଗ

କୁନ୍ଦୁରା,୮।୪(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଭିଏସ କିରାଣି କାଲେନ କୁଜୁରଙ୍କ ବିରୋଧରେ ଦୁରୁଆ ଜନଜାତିଙ୍କ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲାପାଳ ମନୋଜ ସତ୍ୟବାନ ମହାଜନ ଜୟପୁର ଉପଜିଲାପାଳ ଯଦୁମଣି ନାୟକ,ଏଡିପିଏଚଓ ଶିବ ସାଇ ସ୍ୱରୂପଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହା ପରେ ସ୍ଥାନୀୟ ଜନସାଧାରଣଙ୍କୁ ଅଗ୍ରାଧିକାର ଦେଇ ଅଧିକାରୀମାନେ କୁନ୍ଦୁରାରେ ବୁଧବାର ତଦନ୍ତ କରିଛନ୍ତି। ଭିଏସ କିରାଣିଙ୍କୁ ଅଭିଯୋଗ ବିଷୟରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଦୁରୁଆ ଜନଜାତିଙ୍କ ଅଭିଯୋଗ ମୁତାବକ ବିଭିନ୍ନ ପ୍ରମାଣପତ୍ର ପାଇଁ ପଞ୍ଜୀକୃତ ଲୋକଙ୍କୁ ଲାଞ୍ଚ ମାଗିବା ଓ ସେମାନଙ୍କୁ ଖରାପ ବ୍ୟବହାର କରିବା ନେଇ ଉପଜିଲାପାଳ ତଦନ୍ତ କରିଥିଲେ। ଜମା ହୋଇଥିବା ଲୋକେ କିରାଣି ଲାଞ୍ଚ ମାଗୁଥିବା କହି ଲିଖିତ ଭାବେ ଉପଜିଲାପାଳଙ୍କୁ ଜଣାଇଛନ୍ତି। ଏହି ମହିଳା କିରାଣିଙ୍କୁ ଏଭଳି କାର୍ଯ୍ୟରୁ ନିବୃତ ରହିବାକୁ ପୂର୍ବରୁ ଦିଆଯାଇଥିବା ଚେତାବନୀ ସତ୍ତ୍ୱେ ସେ ସମାନ କାର୍ଯ୍ୟ କରୁଥିବା ନେଇ ଉପଜିଲାପାଳ ବିରକ୍ତି ପ୍ରକାଶ କରିଥିଲେ। ଏହା ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ କକ୍ଷରେ ଉପଜିଲାପାଳ ନାୟକ, ଏଡିପିଏଚଓ, ଅତିରିକ୍ତ ତହସିଲଦାର ଅଶୋକ କୁମାର ପାଲ ଓ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଗଣେଶ ପ୍ରସାଦ ଦାଶ ଆଲୋଚନା କରିଥିଲେ। ଦୁର୍ନୀତିର ସମସ୍ତ ତଥ୍ୟ ପାଇବା ପରେ ଜିଲାପାଳଙ୍କୁ ଜଣାଇ ସରକାରଙ୍କୁ କିରାଣିଙ୍କ ବିରୋଧରେ ଲିଖିତ ଭାବେ ଦିଆଯିବ।

# ଉନ୍ନୟନ କାର୍ଯ୍ୟ ନେଇ ପଞ୍ଚାୟତ ସମିତି ବୈଠକ


ବୈଠକରେ ଉପସ୍ଥିତ ବିଧାୟକ ରୁପୁ ଭତ୍ରା ଓ ଅଧିକାରୀମାନେ।

କୋଟପାଡ଼,୮।୪(କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ପଞ୍ଚାୟତ ସମିତି ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାନୀୟ ବିଧାୟକ ରୂପୁ ଭତ୍ରା, ଏମ୍‌ପି ପ୍ରତିନିଧି ଆଶୁତୋଷ ମହାପାତ୍ର, ଅଧ୍ୟକ୍ଷା କୋମଳା ଭତରା, ଉପାଧ୍ୟକ୍ଷ ତପନ ପାଣିଗ୍ରହୀ, ଜିଲା ପରିଷଦ ସଭ୍ୟ ଗୀତା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ୨୫ ବିଭାଗର ମୁଖ୍ୟ କର୍ମଚାରୀ ଓ ୧୭ ପଞ୍ଚାୟତ ସରପଞ୍ଚ ସମିତିସଭ୍ୟ ଉପସ୍ଥିତ ଥିଲେ। ପଞ୍ଚାୟତଗୁଡ଼ିକରେ ରହିଥିବା ସମସ୍ୟା, ବିଭଗୀୟ ଅଧିକାରୀଙ୍କ କାର୍ଯ୍ୟ ଓ ଆବଶ୍ୟକତା ସହ ସମାଧାନ କରାଯାଇପାରିବା ନେଇ ଆଲୋଚନା ହେଇଥିଲା। ବିଡିଓଙ୍କ ଚିଠି ମୁତାବକ ବିଧାୟକ, ସମସ୍ତ କର୍ମଚାରୀ ଉପସ୍ଥିତ ଥିବା ବେଳେ ବିଡିଓ କୌଣସି କାର୍ଯ୍ୟ ଯୋଗୁ ନିର୍ଦ୍ଦିଷ୍ଟ ସମୟରେ ଉପସ୍ଥିତ ନ ହେବାରୁ ଜନ ପ୍ରତିନିଧିମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ଉପରେ ବିଧାୟକ ଗୁରୁତ୍ୱ ଦେଇଥିଲେ। ବିଦ୍ୟୁତ୍ ବିଭାଗ ନିରନ୍ତର ବିଦ୍ୟୁତ ସେବା ଯୋଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ପଞ୍ଚାୟତଗୁଡ଼ିକର ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ଥିବା ଅଭିଯୋଗ ହୋଇଥିଲା। ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଜାତିଗତ ପ୍ରମାଣପତ୍ର ଠିକ ସମୟରେ ମିଳୁ ନ ଥିବା, ଉନ୍ନୟନ କାର୍ଯ୍ୟଗୁଡ଼ିକ ଠିକ ଭାବେ ପରିଚାଳିତ ହେଉ ନ ଥିବା, ଠିକାଦାରମାନେ ନିମ୍ନମାନର କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଗୁରୁତ୍ୱ ଦେବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ସରକାରଙ୍କ ବିଭିନ୍ନ ଜନମଙ୍ଗଳ କାର୍ଯ୍ୟ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ସେ କହିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଡିଓ ସନ୍ଧ୍ୟା ସମରଥ, ଅତିରିକ୍ତ ତହସିଲଦାର ପରସୁ ଭତରା, ସିଡିପିଓ ପ୍ରଭାତୀ ମହାନ୍ତି, ଏଇ ସତ୍ୟନାରାୟଣ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

**EKLAVYA MODEL RESIDENTIAL SCHOOL, KOTPAD**
(A Unit of NESTS) Ministry of Tribal Affairs
Government of India
Vill-Dhamanhandi, Dist-Koraput, State-Odisha, Pin-764058
School No-17589, Affiliation No-1520476
Mob. No-9608961523 (Principal), E-mail: emrskotpad@gmail.com
Web: www.emrskotpad.com

Letter No.-18/Walk-in-interview/EMRS/2026-27 Date:07.04.2026

**WALK-IN-INTERVIEW**
**FOR GUEST FACULTY FOR SESSION 2026-27**

A walk-in-interview is scheduled to be held on 24th and 25th of April 2026 (08.00 AM onwards) at Ekalavya Model Residential School (EMRS), Kotpad under Koraput District for selection of candidates to be engaged as guest faculties at EMRS Kotpad, EMRS Boipariguda and EMRS Kundra against the TGT Science, TGT Mathematics, TGT English, TGT Odia, PET (Male and Female), Music & Art Teacher, TGT Hindi, TGT Computer Science, TGT Librarian, PGT English and PGT History. The interested candidates must fill the google form using the link https://forms.gle/ZMWQnzSH9eXpteue9 on or before 22.04.2026 upto 5 PM and attend the walk-in-interview in the office of the Principal, EMRS, Kotpad on the above-mentioned date and time alongwith their CV and the certificates of educational qualification.
For more details, please visit the district NIC website (Koraput) **www.koraput.odisha.gov.in** and may visit the school website **www.emrskotpad.com.**

Sd./- Principal
EMRS, Kotpad

# ପିକ୍‌ଅପ୍ ଓଲଟି ୮ ଯାତ୍ରୀ ଗୁରୁତର

ବନ୍ଧୁଗାଁ, ୮।୪ (ବେଣୁଧର ଲାବାଲା)

କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକରେ ଭାରସାମ୍ୟ ହରାଇ ପିକଅପ ଭ୍ୟାନ ଓଲଟି ପଡ଼ିବାରୁ ୮ ଯାତ୍ରୀ ଗୁରୁତର ହୋଇଛନ୍ତି। ୩୦ରୁ ଊର୍ଦ୍ଧ୍ୱ ସାମାନ୍ୟ ଆହତ ହୋଇଛନ୍ତି। ସୂଚନାନୁଯାୟୀ, କୁତ୍ରାବେଡା ପଞ୍ଚାୟତ ମହାଗୁଡା ଗ୍ରାମରୁ ୭୦ରୁ ଊର୍ଦ୍ଧ୍ୱ କନ୍ୟାଯାତ୍ରୀ ପିକଅପ ଭ୍ୟାନ(ଓଡି ୧୮-ସି-୪୯୦୪) ଯୋଗେ ବନ୍ଧୁଗାଁ ପଞ୍ଚାୟତ ଗୁମୁଡ଼ାପୁଟ ଗ୍ରାମକୁ ବିବାହ ଭୋଜି ପାଇଁ ଆସୁଥିଲେ। ନିଲାବାଡ଼ି ସଦର ପଞ୍ଚାୟତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଗାଡ଼ି ରାସ୍ତା ଉପରେ ଓଲଟି ପଡ଼ିଥିଲା। ଗାଡ଼ି ଚାଳକ ନିଶା ସେବନ କରି ଗାଡ଼ି ଚଲାଉଥିବା ଅଭିଯୋଗ ହୋଇଛି। ଚାଳକ ଫେରାର ରହିଛନ୍ତି। ବନ୍ଧୁଗାଁ ପୋଲିସ ଆଇଆଇସି ସିନ୍ଧୁ ସାରାକା, ଏସ୍ଆଇ ଟି.ଡି. ନାଇକ ଓ ଏଏସ୍ଆଇ ଅନିଲ କୁମାର ନାଇକ ପହଞ୍ଚି ଆହତମାନଙ୍କୁ ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଜଣେ ନାବାଳକ ଗୌତମ ମେଲେକାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତର କରାଯାଇଛି। ଅନ୍ୟ ୨ ଗୁରୁତରଙ୍କୁ କୋରାପୁଟ ଜିଲା ମେଡିକାଲରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତଦାନ ଶିବିର

କୋଟପାଡ଼,୮।୪(କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ରକ୍ତଦାନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ସ୍ଥାନୀୟ ବିଧାୟକ ରୂପୁ ଭତ୍ରା, ଏନ୍ଏସି ଅଧ୍ୟକ୍ଷ ଏମ୍. ଶଙ୍କର ରାଓ ଉଦ୍‌ଘାଟନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ବିଶ୍ୱରଞ୍ଜନ ମଲିକଙ୍କ ଅଧ୍ୟକ୍ଷତାରେ କୋଟପାଡ଼ ଅଞ୍ଚଳର ବହୁ ଯୁବଗୋଷ୍ଠୀ, ଛାତ୍ରୀଛାତ୍ର, ଶିକ୍ଷକ, ଅଗ୍ନିଶମ କର୍ମଚାରୀ ପ୍ରମୁଖ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ରାମ ପଣ୍ଡା, ସାହିଲ କୁଣ୍ଠୁ,ଦେବୀ ପ୍ରସାଦ ପାତ୍ର, କାଜୋଲ ଦେବୀ ରକ୍ତଦାନ କରିଥିଲେ। ଶିବିରରୁ ୫୦ ୟୁନିଟରୁ ଊର୍ଦ୍ଧ୍ୱ ରକ୍ତ ସଂଗ୍ରହ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଫାର୍ମାସିଷ୍ଟ ସୂର୍ଯ୍ୟକାନ୍ତ ପଡି, ସ୍ୱେଚ୍ଛାସେବୀ ତୁଳସୀଦାସ ନାୟକ ଉପସ୍ଥିତ ଥିଲେ।

# ମୁଖ୍ୟ ଫାଟକ ଆଗରେ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ

## ବିଶ୍ୱବିଦ୍ୟାଳୟର ବିଭିନ୍ନ ସମସ୍ୟା ସମାଧାନ ଦାବି

ସୁନାବେଡା,୮।୪(କୃତ୍ତିବାସ ପ୍ରଧାନ)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ସୁନାବେଡ଼ା କ୍ୟାମ୍ପସରେ ଅନୁସୂଚିତ ଜାତି, ଜନଜାତି ଏବଂ ଓବିସି ବର୍ଗର ଛାତ୍ରୀଛାତ୍ର ଏକତ୍ର ହୋଇ ମୁଖ୍ୟ ଫାଟକ ଆଗରେ ଆନ୍ଦୋଳନ କରିଛନ୍ତି। ବିଶ୍ୱବିଦ୍ୟାଳୟ ଆରମ୍ଭକୁ ୧୭ ବର୍ଷ ବିତିଥିବା ବେଳେ ପିଲାମାନଙ୍କ କୌଣସି ସୁବିଧା ହୋଇ ନ ଥିବା ଛାତ୍ରୀଛାତ୍ର କହିଛନ୍ତି। ଦେଢ଼ ବର୍ଷ ହେବ ଜାତି, ଜନଜାତି ଏବଂ ଓବିସି ଛାତ୍ରୀଛାତ୍ରଙ୍କ ରହିଥିବା ୧୯ ଦଫା ଦାବିରୁ ଗୋଟିଏ ମଧ୍ୟ ସମଧାନ ହୋଇ ନ ଥିବା କହିଛନ୍ତି। କର୍ତ୍ତୃପକ୍ଷ ବାରମ୍ବାର ପ୍ରତିଶ୍ରୁତି ଦେଇ ଆସୁଥିଲେ ସୁଦ୍ଧା କୌଣସି ସମାଧାନ କରୁନାହାନ୍ତି। ଦାୟିତ୍ୱରେ ଥିବା ଭିସି ଓ



ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ଓ କଂଗ୍ରେସ ପକ୍ଷରୁ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରାଯାଉଛି।

ରେଜିଷ୍ଟରଙ୍କ ମନମୁଖୀ କାର୍ଯ୍ୟକଳାପ ବନ୍ଦ କରିବାକୁ ସେମାନେ ଅଡି ବସିଥିଲେ।

ହଷ୍ଟେଲରେ ପାଣି ସମସ୍ୟା, ଖାଇବା, ଲାଇବ୍ରେରୀ, ଷ୍ଟାଇପେଣ୍ଟ, ଅଧ୍ୟାପିକା ଅଧ୍ୟାପକଙ୍କ ଅଭାବ ଓ ବିଶ୍ୱବିଦ୍ୟାଳୟ ପରିସରରେ ଆମ୍ବେଡକର ପ୍ରତିମୂର୍ତ୍ତି ସ୍ଥାପନ ଆଦି ଦାବି ରହିଛି। ଛାତ୍ରୀଛାତ୍ରଙ୍କ ଆନ୍ଦୋଳନକୁ କଂଗ୍ରେସ ସମର୍ଥନ ଜଣାଇଛି। ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, ଜିଲା ସଭାପତି ରୂପକ ତୁରୁକ, ଏମ୍‌ପି ପ୍ରତିନିଧି ପ୍ରଶାନ୍ତ କର, ନଗର ସଭାପତି ଦିବାନ କୁଲଦୀପ ପ୍ରମୁଖ ଆନ୍ଦୋଳନରେ ବସିଥିଲେ। ଆନ୍ଦୋଳନ ସ୍ଥଳରେ ଜଣେ ଅଧ୍ୟାପକଙ୍କ ଆକ୍ଷେପକୁ ନେଇ ସମାନ୍ୟ ଉତ୍ତେଜନା ଦେଖାଦେଇଥିଲା। କଂଗ୍ରେସର ଜିଲା ସଭାପତି ତୁରୁକ ପ୍ରତିବାଦ କରି ଆନ୍ଦୋଳନ ତୀବ୍ର ରୂପ ନେବ ବୋଲି ଚେତାବନୀ ଦେଇଥିଲେ। ୬ ଘଣ୍ଟା ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଚଳିତମାସ ୨୦ରେ ଏକ ବୈଠକ ମାଧ୍ୟମରେ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା। ୨୦ ତାରିଖ ବୈଠକରେ ବିଧାୟକ ଉପସ୍ଥିତ ରହିବେ ବୋଲି ଜଣାପଡିଛି।

**ଋଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସ୍**
ସି-୭୧, ସେକ୍ଟର-୭, ସିଡ଼ିଏ, କଟକ, ଓଡ଼ିଶା
ଓ.ଏ. ନଂ. ୨୦୨୪ର ୩୯୬
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB),
ଭୁବନେଶ୍ୱର, ଓଡ଼ିଶା .....ଆବେଦନକାରୀ
ବନାମ
ସନ୍ଦୀପ ହରିଚନ୍ଦନ ଏବଂ ଅନ୍ୟମାନେ .....ପ୍ରତିବାଦୀ(ମାନେ)
ପ୍ରାପ୍ତେଷୁ,
୧) ମେସର୍ସ ହୋଟେଲ ଗାଲାକ୍ସୀ ଇଣ୍ଟରନ୍ୟାସନାଲ୍, ସ୍ୱତ୍ୱାଧିକାରୀ: ଶ୍ରୀ ସନ୍ଦୀପ ହରିଚନ୍ଦନଙ୍କ ଦ୍ୱାରା ପ୍ରତିନିଧିତ୍ୱ, ପିତା: ପ୍ରମୋଦ କୁମାର ପାଇକରାୟ, ସା: ପ୍ଲଟ୍ ନଂ.: ୫୧୬/୧୭୧୯, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖ, କିଟ୍ ସ୍କୋୟାର, ପଟିଆ, ଭୁବନେଶ୍ୱର-୭୫୧୦୨୪, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା) .....ପ୍ରତିବାଦୀ ନଂ. ୨
୨) ହୋଟେଲ ଗାଲାକ୍ସୀ, ସ୍ୱତ୍ୱାଧିକାରୀ: ଶ୍ରୀ ସନ୍ଦୀପ ହରିଚନ୍ଦନଙ୍କ ଦ୍ୱାରା ପ୍ରତିନିଧିତ୍ୱ, ପିତା: ପ୍ରମୋଦ କୁମାର ପାଇକରାୟ, ସା: ପ୍ଲଟ୍ ନଂ.: ୧୦୧୬/୧୫୦୪, ସବ୍ ପ୍ଲଟ୍ ନଂ.: ଇ-୨୧, ଅଶୋକ ନଗର, ୟୁନିଟ୍-୨, ଭୁବନେଶ୍ୱର-୭୫୧୦୦୯, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା) .....ପ୍ରତିବାଦୀ ନଂ.୩

**ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ସମନ୍**

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ ଓ.ଏ. ନଂ. ୨୦୨୪ର ୩୯୬ ଦ୍ୱାରା **ଟ.୫୩,୫୮,୯୦୪.୦୦** ମାତ୍ର ଋଣ ରାଶି ଏବଂ ତତ୍‌ସହିତ ଚଳିତ ଓ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଇଜିଲାସ୍‌ରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି। ତେଣୁ ଏତଦ୍‌ଦ୍ୱାରା ଉପରିଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି ଏହି ନୋଟିସ୍ ପ୍ରକାଶନର **୩୦ ଦିନ** ମଧ୍ୟରେ କିମ୍ବା **ତା୧୭.୦୬.୨୦୨୬ରିଖ ପୂର୍ବାହ୍ନ ୧୦.୩୦ ଘଟିକା** ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ରହି ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।

ଏହି ନୋଟିସ୍ ମାଧ୍ୟମରେ ଅବଗତ କରାଇ ଦିଆଯାଉଅଛି କି ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ।

ମୋ ଦ୍ୱାରା ଏବଂ ଏହି ପ୍ରାଧିକରଣର ସହି ମୋହର ସହ ଅଦ୍ୟ ଦିନାଙ୍କ **୨୬ ମାର୍ଚ୍ଚ, ୨୦୨୬**ରେ ଆଦିଷ୍ଟ।

ସ୍ୱା/- (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର

